# ଏକକ -୯ : ଶୈକ୍ଷିକ ସାମଗ୍ରୀ: କେତେକ ନୂତନ ଦିଗ

୯.୦ - ସଂରଚନା

୯.୧ - ଶିକ୍ଷଣ ଉଦ୍ଦେଶ୍ୟ

୯.୨ - ଶିକ୍ଷା ପାଇଁ ଆବଶ୍ୟକୀୟ ସାମଗ୍ରୀ

୯.୩ - ଶୈକ୍ଷିକ ସାମଗ୍ରୀ କାହିଁକି ?

୯.୪ - ଶିକ୍ଷାଦାନ- ଶିକ୍ଷଣ ସାମଗ୍ରୀ ବନାମ ଶିକ୍ଷାଦାନ ଉପକରଣ

୯.୫ - ମଡ଼େଲ ବା ପ୍ରତିରୂପ ଏବଂ ବସ୍ତୁର ପ୍ରଦର୍ଶନ

୯.୬ - ଶିକ୍ଷାଦାନ- ଶିକ୍ଷଣ ସାମଗ୍ରୀ କିପରି ସାହାଯ୍ୟ କରେ ?

୯.୭ - ଉତ୍ତମ ଶୈକ୍ଷିକ ସାମଗ୍ରୀ କଣ ?

୯.୮ - ଏକକ ସାମାଗ୍ରୀ ଦ୍ୱାରା ଆମେ କଣ କରିପାରିବା ?

୯.୯ - ଭାଷା ଶିକ୍ଷଣରେ କାର୍ଡର ଉପଯୋଗୀତା

୯.୧୦ - ଅର୍ଥପୂର୍ଣ୍ଣ ଶିକ୍ଷଣ ସମାଗ୍ରୀ

୯.୧୧ - ଶ୍ରେଣୀଗୃହରେ ଭାଷା ଶିକ୍ଷଣର ସାମଗ୍ରୀ ଗୁଡ଼ିକ କ'ଣ ?

୯.୧୨ - ସାମଗ୍ରୀର ଉପଲବ୍ଧତା

୯.୧୩ - ସାମଗ୍ରୀ କିପରି ବ୍ୟବହାର କରିବା ?

୯.୧୪ - ସାମଗ୍ରୀର ଚୟନ କିପରି କରିବା ?

୯.୧୫- ସାରାଂଶ

୯.୧୬ - ସହାୟକ ଗ୍ରନ୍ଥ ଓ ପୁସ୍ତକ ସୂଚୀ

୯.୧୭- ପାଠାନ୍ତ ପଶ୍ନାବଳୀ



ଟିପ୍ପଣୀ

## ୯.୧: ଉପକ୍ରମ

ତୁମେ ଯଦି ଗଭୀର ଭାବେ ଚିନ୍ତା କରିବ, ଆମ ଚତୁଃପାର୍ଶ୍ୱରେ ଥିବା ଅଧିକାଂଶ ବସ୍ତୁକୁ ଶୈକ୍ଷିକ ସାମଗ୍ରୀ ରୂପେ ବ୍ୟବହାର କରାଯାଇପାରିବ । ଅନ୍ୟ ପ୍ରକାର କହିବାକୁ ଗଲେ ବିଦ୍ୟାଳୟ, ଶ୍ରେଣୀଗୃହ, ଖେଳପଡିଆ ଇତ୍ୟାଦିରେ ପରିଦୃଷ୍ଟ ଯେତେ ପରିମାଣର ସାମଗ୍ରୀ ରହିଛି ଯେପରି ଗୋଡି, ମାଟି, ଧୂଳି, ପଥର ଓ ପତରକୁ ମଧ୍ୟ ଶୈକ୍ଷିକ ସାମଗ୍ରୀ ରୂପେ ବ୍ୟବହାର କରାଯାଇପାରିବ । ସାମ୍ପ୍ରତିକ ସମୟରେ କେତେକ ଶୈକ୍ଷିକ ସାମଗ୍ରୀଗୁଡିକ ଜଟିଳ ଏବଂ ଅସ୍ୱାଭାବିକ ଭାବେ ଯାନ୍ତ୍ରିକ (Machanical) ହେବାକୁ ଲାଗିଛି । ଏହା ଏକ ଭ୍ରମ ଧାରଣା ଯେ, କେବଳ ବୈଦ୍ୟୁତିକ କିମ୍ବା ବ୍ୟୟସାପେକ୍ଷ/ବହୁମୂଲ୍ୟ ବସ୍ତୁଗୁଡିକ ଉତ୍ତମ ଶିକ୍ଷାଦାନ ସାମଗ୍ରୀ ହୋଇପାରିବ । ସୂଚନା ଓ ପ୍ରଯୁକ୍ତି ବିଦ୍ୟା (IT), କମ୍ପ୍ୟୁଟର (Computer), ଇଣ୍ଟରନେଟ୍ (Internet), ୱେବସାଇଟ୍ (Website), ନେଟ୍‌ୱାର୍କ (Network) ଇତ୍ୟାଦିର ଗୁରୁତ୍ୱ ଫଳରେ ନୂତନ ପ୍ରକାରର ସାମଗ୍ରୀଗୁଡିକ ଆମ ଚତୁଃପାର୍ଶ୍ୱରେ ବହୁଳ ଭାବରେ ଦେଖାଯାଉଛି । ଦିନଥିଲା, ଯେତେବେଳେ ରେଡିଓ, ଦୂରଦର୍ଶନ, ଟେପ୍ ରେକର୍ଡର ଇତ୍ୟାଦିକୁ ଉତ୍ତମ ଶୈକ୍ଷିକ ସାମଗ୍ରୀ ରୂପେ ବିବେଚନା କରାଯାଉଥିଲା; ଏପରିକି ଛୋଟ ଛୋଟ ବସ୍ତୁ, ପୋଷ୍ଟର, ଫ୍ଲାସ୍‌କାର୍ଡ ଇତ୍ୟାଦିକୁ ଶୈକ୍ଷିକ ସାମଗ୍ରୀ ରୂପେ ଗଣନା କରାଯାଉଥିଲା । ବର୍ତ୍ତମାନ ସମୟରେ ଏସବୁ ସାମଗ୍ରୀଗୁଡିକର ଗୁରୁତ୍ୱ ଓ ଆବଶ୍ୟକତା କମିଯାଇଛି । ଏହା କହିବା ବାହୁଲ୍ୟ ଯେ ବର୍ତ୍ତମାନ ଏହି ସାମଗ୍ରୀଗୁଡିକ ବିଦ୍ୟାଳୟରେ ଉତ୍ତମ ଗୁଣଯୁକ୍ତ, ତଥା ଯଥେଷ୍ଟ ପରିମାଣରେ ଏବଂ ସଠିକ୍ ସମୟରେ ଉପଲବ୍ଧ ହେଉନାହିଁ ।

ସାମ୍ପ୍ରତିକ ସମୟରେ ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟାର ଭାବାର୍ଥ, ଶିକ୍ଷାର୍ଥୀର ଦକ୍ଷତା ଓ ଆଗ୍ରହର ମୌଳିକତାରେ କ୍ରମଶଃ ପରିବର୍ତ୍ତନ ହେବାରେ ଲାଗିଛି । ଏହି ନୂତନ ଅବବୋଧ ପରିପ୍ରେକ୍ଷୀରେ ଶିକ୍ଷଣ ସାମଗ୍ରୀର ଅର୍ଥ, ବ୍ୟବହାର ଓ ପ୍ରକାରଭେଦରେ ପୁନଃ ସମୀକ୍ଷା କରିବାର ଆବଶ୍ୟକତା ରହିଛି ଏବଂ ଏହାର ନୂତନ ଦିଗ ଆପଣେଇବାର ସମୟ ଆସିଛି । ଏହା ସହଜରେ ଦେଖାଯାଇଛି ଯେ ଶୈକ୍ଷିକ ସାମଗ୍ରୀଗୁଡିକୁ ବହୁ ପ୍ରକାରରେ ଶ୍ରେଣୀ ବିଭାଗ କରାଯାଇପାରେ । ଏହି ସାମଗ୍ରୀଗୁଡିକୁ ଶିକ୍ଷକ ସାମଗ୍ରୀ ଏବଂ ଶିକ୍ଷାର୍ଥୀ ସାମଗ୍ରୀ ଭାବେ ବର୍ଗୀକରଣ କରାଯାଇପାରେ । ଅନ୍ୟ ଏକ ପ୍ରକାରରେ ଏହାକୁ ଶ୍ରାବ୍ୟ ଏବଂ ଦୃଶ୍ୟ ସାମଗ୍ରୀ ଭାବେ ଶ୍ରେଣୀ ବିଭକ୍ତ କରାଯାଇପାରେ । ଏପରି ବିଭାଗୀକରଣର ଉଦ୍ଦେଶ୍ୟ ଓ ବ୍ୟବହାର କରିବାର ପଦ୍ଧତି ସ୍ୱତନ୍ତ୍ର ଅଟେ । ସାମଗ୍ରୀର ବ୍ୟାବହାରିକ ଲକ୍ଷଣ ଦୃଷ୍ଟିରୁ ଏହା ବିଚାର କରିବାକୁ ହେବ ଯେ ସାମଗ୍ରୀ ଶିକ୍ଷାଦାନ ପଦ୍ଧତିର ସଠିକ୍ ମାନ ନିର୍ଦ୍ଧାରଣ କରିପାରେ ନାହିଁ । ଏଠାରେ ମୂଖ୍ୟ ପ୍ରଶ୍ନ ହେଲା ସାମଗ୍ରୀଗୁଡିକର ବ୍ୟବହାରକାରୀଙ୍କ ପାଇଁ ଯୋଜନା କଣ ? କେଉଁ ପ୍ରସଙ୍ଗରେ ସାମଗ୍ରୀ ସବୁ ଶ୍ରେଣୀ କକ୍ଷରେ ବ୍ୟବହାର କରାଯିବ, ଏହାର ଉଦ୍ଦେଶ୍ୟଗୁଡିକ କଣ ? ଏହା କେଉଁ ଉଦ୍ଦେଶ୍ୟ ପୂରଣ କରିବ ? ଉପରୋକ୍ତ ପ୍ରଶ୍ନଗୁଡିକୁ ଆମେ ଏହି ଏକକରେ ଆଲୋଚନା କରିବା ।

## ୯.୧: ଶିକ୍ଷଣ ଉଦ୍ଦେଶ୍ୟ

ଏହି ଅଧ୍ୟାୟଟି ଅଧ୍ୟୟନ ପରେ ଆପଣ :

- ଶିକ୍ଷଣ ସାମଗ୍ରୀର ପ୍ରକାର ଭେଦ ସ୍ପଷ୍ଟ ଭାବରେ କହିପାରିବେ ।
- ଆବଶ୍ୟକୀୟ ଶିକ୍ଷାଦାନ ସାମଗ୍ରୀଗୁଡିକୁ ଚିହ୍ନଟ କରିପାରିବେ ।
- ଉତ୍ତମ ଶିକ୍ଷଣ ସାମଗ୍ରୀ କ'ଣ, ତା' ସମ୍ବନ୍ଧରେ ଆପଣଙ୍କ ମତାମତ ପ୍ରକାଶ କରିପାରିବେ ।
- ଶିକ୍ଷାଦାନ- ଶିକ୍ଷଣ ସାମଗ୍ରୀ ଓ ଶିକ୍ଷାଦାନ ଉପକରଣ ମଧ୍ୟରେ ପାର୍ଥକ୍ୟ ଦର୍ଶାଇପାରିବେ ।
- ଭାଷା ଶିକ୍ଷାଦାନରେ ଶିକ୍ଷଣ ସାମାଗ୍ରୀର ବ୍ୟବହାର ବିଷୟରେ ବିଶ୍ଳେଷଣ କରିପାରିବେ ।



ଟିପ୍ପଣୀ

- କେତେବେଳେ ଓ କିପରି ଶିକ୍ଷଣ ସାମଗ୍ରୀଗୁଡ଼ିକୁ ବ୍ୟବହାର କରାଯିବ, ତା ବିଷୟରେ ଅବଗତ ହୋଇପାରିବେ ।

## ୯.୨: ଶିକ୍ଷା ପାଇଁ ଆବଶ୍ୟକୀୟ ସାମଗ୍ରୀ

ଏହା ଚିହ୍ନଟ କରାଇବା ଆବଶ୍ୟକ ଯେ କୌଣସି ଶ୍ରେଣୀ ନିମନ୍ତେ କେତେକ ଅତ୍ୟାବଶ୍ୟକୀୟ ଶୈକ୍ଷିକ ସାମଗ୍ରୀର ସହଜ ଉପଲବ୍ଧତାର ପ୍ରୟୋଜନ ରହିଛି । ସେହିପରି ବିଦ୍ୟାଳୟ ପାଇଁ ମଧ୍ୟ କେତେକ ଅତ୍ୟାବଶ୍ୟକୀୟ ସାମଗ୍ରୀ ବିଦ୍ୟାଳୟରେ ଉପଲବ୍ଧ ହେବା ଉଚିତ୍ । ଅଧିକାଂଶ ସମୟରେ ଆମେ ଏ ବିଷୟରେ ଦୃଷ୍ଟି ଦେଇ ନଥାଉ ଯେ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପାଇଁ ଏପରି କେତେକ ସାମଗ୍ରୀର ଆବଶ୍ୟକତା ରହିଛି । ଅଧିକାଂଶ ସାମଗ୍ରୀ ଆମ ହାତ ପାହାନ୍ତାରେ ସହଜରେ ମିଳୁଥିବା ବେଳେ କେତେକ ଆମ ଦୃଷ୍ଟିକୁ ଆସି ନଥାଏ । ଉଦାହରଣସ୍ୱରୂପ, ପ୍ରତ୍ୟେକ ଶିକ୍ଷାର୍ଥୀ ବେଞ୍ଚ, ଟେବୁଲ ବା ଚୌକି ବସିବା ପାଇଁ ଦରକାର କରନ୍ତି । ଶ୍ରେଣୀ ଗୃହର ଆଲୋକିତ ହେବାର ଆବଶ୍ୟକତା ରହିଛି । ଆମକୁ ବିଦ୍ୟାଳୟରେ ସ୍ୱଚ୍ଛ ପାନୀୟ ଜଳ, ଶୌଚାଳୟ ଏବଂ ଅନ୍ୟ କେତେକ ମୌଳିକ ସୁବିଧାର ବ୍ୟବସ୍ଥା କରିବାର ଆବଶ୍ୟକତା ଅଛି । ସମଗ୍ର ଦେଶରେ ବିଦ୍ୟାଳୟ ଶିକ୍ଷାର ଉନ୍ନତି ନିମନ୍ତେ ନୂତନ ଶିକ୍ଷାନୀତି ୧୯୮୬ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି । ଅତ୍ୟାବଶ୍ୟକୀୟ ଶିକ୍ଷଣ ସାମଗ୍ରୀ ଚିହ୍ନଟ ଓ ପ୍ରତ୍ୟେକ ବିଦ୍ୟାଳୟରେ ଏହାର ସହଜ ଉପଲବ୍ଧତା କରାଇବା ଏହି ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଅଟେ ।

ନ୍ୟୁନତମ ଆବଶ୍ୟକୀୟ ଶ୍ରେଣୀ ଗୃହ, ଉପଯୁକ୍ତ ବସିବା ବ୍ୟବସ୍ଥା, ଖେଳ ଉପକରଣ, ପାଠାଗାର ଏବଂ ଆବଶ୍ୟକ ସଂଖ୍ୟାକ ପୁସ୍ତକ ଇତ୍ୟାଦିର ବ୍ୟବସ୍ଥା କରିବା ଏହି ବିଷୟ ଅନ୍ତର୍ଭୁକ୍ତ ହେବ । ତୁମେ ତୁମ ବିଦ୍ୟାଳୟ ବିଷୟରେ ଚିନ୍ତାକରିବା ଓ ନିଜକୁ ନିଜେ ପଚାରିବା ଆବଶ୍ୟକ ଯେ କେଉଁ କେଉଁ ଉପକରଣ ବା ସାମଗ୍ରୀଗୁଡ଼ିକ ବିଦ୍ୟାଳୟର ସଠିକ୍ ପରିଚାଳନା ଓ କାର୍ଯ୍ୟକ୍ଷମ ନିମନ୍ତେ ଆବଶ୍ୟକ ଅଟେ । ତୁମେ ମନେ ରଖିବାକୁ ଚେଷ୍ଟା କର ଯେ କେଉଁ ସାମଗ୍ରୀଗୁଡ଼ିକ ତୁମ ବିଦ୍ୟାଳୟରେ ଉପଲବ୍ଧ ଏବଂ କେଉଁ ଗୁଡ଼ିକର ଅଭାବ ତୁମେ ଅନୁଭବ କରୁଛ ?

ବିଦ୍ୟାଳୟର ଏହି ଅତ୍ୟାବଶ୍ୟକୀୟ ସାମଗ୍ରୀଗୁଡ଼ିକ ବ୍ୟତୀତ ଶିକ୍ଷାଦାନ ନିମନ୍ତେ ଅନ୍ୟ କେତେକ ଶୈକ୍ଷିକ ସାମଗ୍ରୀର ଆବଶ୍ୟକତା ରହିଛି ।

### ନିଜ ପ୍ରଗତିକୁ ପରଖିବା-୧

୧. ଏଗୁଡ଼ିକ ଆବଶ୍ୟକୀୟ ସାମଗ୍ରି ଅଟେ କି ? ତୁମ ଉତ୍ତର ର ଯଥାର୍ଥ ପ୍ରତିପାଦନ କର ।

(କ). ଚାର୍ଟ (ଖ). ପ୍ରତିରୂପ (ଗ). ବେଞ୍ଚ (ଘ). ଭାଷା କାର୍ଡ

.................................................................

.................................................................

୨. ବିଦ୍ୟାଳୟ ପାଇଁ କେଉଁ ସବୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ହେବା ଉଚିତ୍ ?

.................................................................

.................................................................

.................................................................

ଟିପ୍ପଣୀ

୩. ତୁମ ବିଦ୍ୟାଳୟରେ କେଉଁ ପ୍ରକାର ସାମଗ୍ରୀଗୁଡିକର ଅଭାବ ରହିଛି ବୋଲି ତୁମେ ଅନୁଭବ କରୁଛ ?

...................................................................

...................................................................

...................................................................

## ୯.୩: ଶୈକ୍ଷିକ ସାମଗ୍ରୀ କାହିଁକି

ଶୈକ୍ଷିକ ସାମଗ୍ରୀ ବା ବସ୍ତୁ ସମ୍ବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଏହା ଯେ କିଏ ଏହାର ମୁଖ୍ୟ ବ୍ୟବହାରକାରୀ ହେବ ? ଏହି ପ୍ରଶ୍ନର ଉତ୍ତର ଆମର ଶିକ୍ଷାଦାନ ଓ ଶିକ୍ଷଣ ମାନସ ରୂପାୟନର ପରିକଳ୍ପନା ଉପରେ ନିର୍ଭର କରେ । ଏକ ସମ୍ଭାବ୍ୟ ଉତ୍ତର ହେଉଛି ଶିକ୍ଷକ ନିଜର ଶିକ୍ଷାଦାନ ପ୍ରକ୍ରିୟାକୁ ବୁଝାଇବା ନିମନ୍ତେ ତାହାର ବ୍ୟବହାରକୁ ଗୁରୁତ୍ୱ ଦେବା ଏବଂ ସଠିକ୍ ବ୍ୟାଖ୍ୟା ପ୍ରଦାନ କରନ୍ତି । ସାଧାରଣତଃ ଶିକ୍ଷାର୍ଥୀ ନିରବରେ ଓ ମନୋଯୋଗ ସହକାରେ ଶୁଣୁଥିବାର ଆଶା କରାଯାଏ । ସେ ଶିକ୍ଷକଙ୍କର ସମୟରେ ଶିକ୍ଷାଦାନ ବର୍ଣ୍ଣନା ଗୁଡ଼ିକୁ ନିଜ ଖାତାରେ ଲିପିବଦ୍ଧ କରେ କିମ୍ବା ଶିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ସାମଗ୍ରୀଗୁଡିକର ବ୍ୟବହାର କରିଥାଏ । ଯେଉଁ ସବୁ ଜିନିଷଗୁଡିକ ଶିକ୍ଷାର୍ଥୀ ଜାଣିବା ଦରକାର ସେଗୁଡିକୁ ବିଭିନ୍ନ ସାମଗ୍ରୀ ଯଥା: ଚାର୍ଟ (Charts), ସ୍ଲାଇଡ୍ (Slides), ପ୍ରତିରୂପ (Models) ଇତ୍ୟାଦି ଦ୍ୱାରା ଉପସ୍ଥାପନ କରାଯାଏ । ଏହା ହେଉଛି ଶିକ୍ଷକ-କୈନ୍ଦ୍ରିକ ପଦ୍ଧତି । ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ଏହି ପଦ୍ଧତିକୁ ଅନୁସରଣ କରାଯାଉଥିଲା ଏବଂ ଲୋକପ୍ରିୟ ଥିଲା । ଏପରିକି ବର୍ତ୍ତମାନ ମଧ୍ୟ କେତେକ ଏହି ପଦ୍ଧତିରେ ବିଶ୍ୱାସ କରନ୍ତି । ଏହି ପଦ୍ଧତିରେ ଶିକ୍ଷାଦାନ ସାମଗ୍ରୀଗୁଡିକ କେବଳ ଶିକ୍ଷକଙ୍କ ଦ୍ୱାରା ବହୁଳ ଭାବରେ ବ୍ୟବହୃତ ହୋଇଥାଏ । ଶିକ୍ଷାର୍ଥୀ କେବଳ ଏହି ସାମଗ୍ରୀଗୁଡିକ ଦୂରରୁ ଥାଇ ଦେଖନ୍ତି । ଏହା ଶିକ୍ଷକଙ୍କ ହାତରେ ବା ଟେବୁଲ ଉପରେ ଥାଏ । ଶିକ୍ଷାର୍ଥୀମାନେ ଏହାକୁ ଛୁଇଁ ପାରନ୍ତି ନାହିଁ କି ବ୍ୟବହାର କଲେ କାଳେ ଭାଙ୍ଗିଯିବ ବା ନଷ୍ଟ ହୋଇଯିବ, ସେଥିଲାଗି ଶିକ୍ଷକମାନେ ଭୟଭୀତ ହୁଅନ୍ତି । ତୁମେ ପୂର୍ବ ଏକକରେ ପଢିଛ ଯେ ଏହି ଶିକ୍ଷାଦାନ ବ୍ୟବସ୍ଥା ବର୍ତ୍ତମାନ ପରିସ୍ଥିତିରେ ପ୍ରାରମ୍ଭିକ ଶ୍ରେଣୀ ନିମନ୍ତେ ଉପଯୁକ୍ତ ବିବେଚନା କରାଯାଉନାହିଁ । ସମ୍ପ୍ରତି ଧାରଣା ହେଉଛି ଯେ ପ୍ରତ୍ୟେକ ଶିକ୍ଷାର୍ଥୀ ନିଜର ଚିନ୍ତନ ପ୍ରକ୍ରିୟା ଦ୍ୱାରା ନିଜର ଜ୍ଞାନ ସଂରଚନା ବା ସଂଗଠନ କରିବେ । ଏହି ପ୍ରକ୍ରିୟାରେ ଶିକ୍ଷକ କେବଳ ଜଣେ ସହାୟକ ଭାବେ କାର୍ଯ୍ୟ କରିବେ । ଅନ୍ୟ ଦ୍ୱାରା ପ୍ରଣୀତ ଯୁକ୍ତିଯୁକ୍ତ ଧାରଣାକୁ ବୁଝିବା ଅପେକ୍ଷା ଶିକ୍ଷାର୍ଥୀ ନିଜେ ନିଜର ତାର୍କିକ ବଳରେ ଜ୍ଞାନ ସଂରଚନା କରିବା ହେଉଛି ଶିକ୍ଷାର୍ଥୀଙ୍କ ପକ୍ଷେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ।

ସାମଗ୍ରୀଗୁଡିକ ଶିକ୍ଷାର୍ଥୀ ଶିକ୍ଷକଙ୍କ ସହାୟତାରେ ନିଜେ ପ୍ରସ୍ତୁତ କରିବା ଓ ତାହାର ବ୍ୟବହାର କରିବା ହେଉଛି ବର୍ତ୍ତମାନର ସର୍ବଜନାଦୃତ ପଦ୍ଧତି । ଶିକ୍ଷାର୍ଥୀ ବିଭିନ୍ନ ପ୍ରକାରର ବିଷୟବସ୍ତୁ ସମ୍ବନ୍ଧରେ ଧାରଣା ପାଇବା ଓ ଯୁକ୍ତିଯୁକ୍ତ ସିଦ୍ଧାନ୍ତରେ ଉପନୀତି ହେବା ପାଇଁ ସାମଗ୍ରୀଗୁଡିକ ସାହାଯ୍ୟ କରିଥାଏ । ଏଥି ନିମନ୍ତେ ଶିକ୍ଷାର୍ଥୀ ସାମଗ୍ରୀଗୁଡିକ ସହିତ ପରିଚିତ ହେବା ତା'ର ପରୀକ୍ଷାନିରୀକ୍ଷା କରିବା, ପ୍ରସ୍ତୁତି କରିବା, ତାକୁ ବିଭାଗୀକରଣ କରିବା ଓ ଗଢିବା ଏବଂ ବିଭିନ୍ନ ପ୍ରକାରରେ ତାର ନୂତନ ରୂପ ଦେବା ନିମନ୍ତେ ସମସ୍ତ ସୁଯୋଗ ସୃଷ୍ଟି କରିବା ଆବଶ୍ୟକ । ଏହି ଶିକ୍ଷାଦାନ ପ୍ରକ୍ରିୟା ପାଇଁ ଶିକ୍ଷାର୍ଥୀର ଶିକ୍ଷଣ ନିମନ୍ତେ ସାମଗ୍ରୀଗୁଡିକ ଶିକ୍ଷାର୍ଥୀକେନ୍ଦ୍ରିକ ଓ ଶିକ୍ଷାର୍ଥୀ ପାଇଁ ସହଜରେ ଉପଲବ୍ଧ କରିପାରୁଥିବା ଆବଶ୍ୟକ ।

ଭାଷା ଶିକ୍ଷଣ ନିମନ୍ତେ ବ୍ୟବହୃତ ସାମଗ୍ରୀଗୁଡିକ ଅନ୍ୟ ବିଷୟ ଶିକ୍ଷଣଠାରୁ ପୃଥକ୍ ଅଟେ । ପରବର୍ତ୍ତୀ ଅଧ୍ୟାୟ ଆମେ ସାମଗ୍ରୀଗୁଡିକର ପ୍ରକାର ଭେଦ ଭାଷା ଶିକ୍ଷଣ ଶ୍ରେଣୀରେ ସେସବୁର ଆବଶ୍ୟକତା ଏବଂ ବିଭିନ୍ନ ଶିକ୍ଷାଦାନ ଶିକ୍ଷାର ଭିନ୍ନ କ୍ଷେତ୍ରରେ ଦୁଇଟି ଉପଯୋଗୀତା ଅବବୋଧର ସଂପର୍କରେ ଆଲୋଚନା କରିବା ।

ଲୋକପ୍ରିୟ ଅଭିବ୍ୟକ୍ତି ବିଷୟ ବିଚାର କରି ସେ ଗୁଡ଼ିକୁ ଶିକ୍ଷଣ ପରିପ୍ରେକ୍ଷୀରେ ପରୀକ୍ଷା କରିବା । ତା ପରେ ପରେ ଆମେ ମଧ୍ୟ ଭାଷାଶିକ୍ଷଣ ପ୍ରସଙ୍ଗରେ ସେଗୁଡ଼ିକ ପରୀକ୍ଷା କରିବ ।

ଶିକ୍ଷାକ୍ଷେତ୍ରରେ TLM ବା ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ଏକ ସୁପରିଚିତ ଶବ୍ଦ । ସେହିପରି ଶିକ୍ଷଣ ଉପକରଣ ଶବ୍ଦଟି ମଧ୍ୟ ଶିକ୍ଷା କ୍ଷେତ୍ରରେ ବହୁଳ ମାତ୍ରାରେ ବ୍ୟବହୃତ ହୋଇଥାଏ । ଏହି ଦୁଇଟି ଶବ୍ଦ ସମାନାର୍ଥକ ଶବ୍ଦ ରୂପେ ପରିଗଣିତ ହୋଇଥାଏ । ଯାହା ହେଉ, ଏହି ଦୁଇଟି ଶବ୍ଦ ବ୍ୟବହାର ଦୃଷ୍ଟିରୁ ବିଭିନ୍ନ ପ୍ରକାରର ସାମଗ୍ରୀ ଏବଂ ସେ ସମୟରେ ବ୍ୟବହାର ପାଇଁ ବିଭିନ୍ନ ପ୍ରକାରର ମତ ପୋଷଣ କରାଯାଏ ।

**ନିଜ ପ୍ରଗତିକୁ ପରଖିବା-୨**

୧. ଟିଏଲ୍ଏମ୍ (TLM) ର ପରିବର୍ଦ୍ଧିତ ରୂପ କ'ଣ ?

a) Total Listening Matter (ସମ୍ପୂର୍ଣ୍ଣ ଶ୍ରାବ୍ୟ ବସ୍ତୁ)

b) Total Learning Matter( ସମ୍ପୂର୍ଣ୍ଣ ଶିକ୍ଷଣ ବସ୍ତୁ)

c) Teaching Learning Material( ଶିକ୍ଷାଦାନ -ଶିକ୍ଷଣ ସାମଗ୍ରୀ)

d) Teaching Learning Module(ଶିକ୍ଷାଦାନ- ଶିକ୍ଷଣ ମାନକ )

୨. ଶିକ୍ଷାଦାନ - ଶିକ୍ଷଣ ସାମଗ୍ରୀ ପିଲାମାନଙ୍କର ସହଜ ଉପଲବ୍ଧତା ହେବା ଆବଶ୍ୟକ ଓ ମହତ୍ତ୍ୱପୂର୍ଣ୍ଣ ଅଟେ କାହିଁକି ?

..........................................................................................................

..........................................................................................................

୩. ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ଅର୍ଥ କଣ ?

..........................................................................................................

..........................................................................................................

୪. କେଉଁ ପ୍ରକାରର ଶିକ୍ଷାଦାନ ପ୍ରଣାଳୀ ସଂପ୍ରତି ପ୍ରାରମ୍ଭିକ ଶ୍ରେଣୀ ପାଇଁ ଉପଯୋଗୀ ନୁହେଁ ?

..........................................................................................................

..........................................................................................................

## ୯.୪: ଶିକ୍ଷାଦାନ - ଶିକ୍ଷଣ ସାମଗ୍ରୀ ବନାମ ଶିକ୍ଷାଦାନ ଉପକରଣ

ଶିକ୍ଷାଦାନ- ଶିକ୍ଷଣ ସାମଗ୍ରୀ ସମସ୍ତ ସମସ୍ୟାର ସାର୍ବଜନୀନ ସମାଧାନ ରୂପେ ଆଦୃତ ହୋଇଛି । ଯେ କୌଣସି ଶ୍ରେଣୀରେ ଯେକୌଣସି ବିଷୟର ଶିକ୍ଷାଦାନ ନିମନ୍ତେ ଟି.ଏଲ୍.ଏମ୍ (TLM) ଏକ ମହୌଷଧି ରୂପେ କାର୍ଯ୍ୟ କରିଥାଏ । ଏହା ବିଶ୍ୱାସ କରାଯାଏ ଯେ ଶ୍ରେଣୀ କକ୍ଷରେ TLM ର ବ୍ୟବହାର ଏକ ଯାଦୁ ଭଳି କାର୍ଯ୍ୟ କରିଥାଏ, ଯାହା ସବୁକିଛି ପରିବର୍ତ୍ତନ କରି ଦେଇଥାଏ । ଅନେକ ସମୟରେ TLM ପ୍ରସ୍ତୁତି କରିବା ପାଇଁ କର୍ମଶାଳାର ଆୟୋଜନା କରାଯାଇଥାଏ । ଏହି କର୍ମଶାଳାରେ ଥର୍ମୋକୁଲ, ଚାର୍ଟ ପେପର, ରଙ୍ଗ ଏବଂ ସମସ୍ତ ପ୍ରକାରର ଉପକରଣମାନ ଉପଲବ୍ଧ ହୋଇଥାଏ । ଶିକ୍ଷକ ନିଜ ନିଜର କଳା ଓ କଳ୍ପନା କୌଶଳ

ଟିପ୍ପଣୀ

ପ୍ରୟୋଗ କରି ତଥା ସୁନ୍ଦର ଓ ଆକର୍ଷଣୀୟ ମଡେଲ୍ ପ୍ରସ୍ତୁତି କରିଥାନ୍ତି ।

## ୯.୫: ମଡେଲ୍ ଓ ବସ୍ତୁର ପ୍ରଦର୍ଶନ

ଏହି ମଡେଲ୍ ଓ ଏଗୁଡିକର ବ୍ୟାବହାରିକ ଗୁଣକୁ ନେଇ ବିଚାର କଲେ ଆମ ମନକୁ ସ୍ୱତଃସ୍ଫୁର୍ତ୍ତ ଭାବେ ଏହି ତିନୋଟି ପ୍ରଶ୍ନ ଆସିଥାଏ । ଯଥା:

୧. ଏହି ମଡେଲଗୁଡିକ ଶିକ୍ଷାର୍ଥୀଙ୍କୁ ଚିନ୍ତା କରିବାକୁ ସୁଯୋଗ ସୃଷ୍ଟି କରିଥାଏ କି ? ଏଗୁଡିକୁ ବ୍ୟବହାର କରି ଶିକ୍ଷାର୍ଥୀ ନିଜର କଳ୍ପନା ଶକ୍ତିକୁ ସ୍ୱତନ୍ତ୍ର ଚିନ୍ତାଧାରା ଏବଂ ଅଭିବ୍ୟକ୍ତ କରିବାର କୌଶଳ ବୃଦ୍ଧି କରିପାରେ କି ?

କିମ୍ବା

ମଡେଲ୍ ଗୁଡିକ କେବଳ କିଛି ତଥ୍ୟ ପ୍ରକାଶ କରିଥାଏ । ଏଥିରୁ ସମସ୍ତଙ୍କୁ କେବଳ ଏକ ପ୍ରକାରର ତଥ୍ୟ ବୁଝିବା ଓ ପରିପ୍ରକାଶ କରିବା ପାଇଁ ସୁଯୋଗ ଥାଏ ।

୨. ପିଲାମାନେ ଏଗୁଡିକୁ ବ୍ୟବହାର କରିପାରିବେ କି ? ଏଗୁଡିକୁ ସେମାନେ ଛୁଇଁ ପାରିବେ କି ଓ ନିଜ ଢଙ୍ଗରେ ପରିବର୍ତ୍ତନ କରି କିଛି ନୂତନ ଭାବେ ତିଆରି କରିପାରେ କି ?

କିମ୍ବା

ଏଗୁଡିକୁ ପିଲାମାନଙ୍କଠାରୁ ଦୂରରେ ରଖାଯାଏ, କାରଣ ଏଗୁଡିକୁ ବ୍ୟବହାର କରିବା ଦ୍ୱାରା ଭାଙ୍ଗି ନଷ୍ଟ ହୋଇଯାଇପାରେ ।

୩. ପିଲାମାନେ ଏହି ମଡେଲଗୁଡିକୁ ନିଜ ପାଖରେ ରଖି ବ୍ୟବହାର କରିପାରନ୍ତି । ପ୍ରତ୍ୟେକ ପିଲା ଏହାକୁ ବ୍ୟବହାର କରିପାରିବେ ।

କିମ୍ବା

ଗୋଟିଏ ମଡେଲ ବା ପ୍ରତିରୂପ ପ୍ରସ୍ତୁତ କରିବା ବହୁତ କଠିନ କାମ । ଗୋଟିଏ ମଡେଲ ପ୍ରସ୍ତୁତ କରିବା ପାଇଁ ଏତେ ପରିମାଣର ସମୟ ଓ ସମ୍ବଳର ବିନିଯୋଗ ହୋଇଥାଏ ଯେ ପ୍ରତ୍ୟେକ ପିଲାଙ୍କ ପାଇଁ ମଡେଲ ପ୍ରସ୍ତୁତ କରିବା ସମ୍ଭବପର ହୋଇ ନଥାଏ ।

ବସ୍ତୁତଃ, ଯେଉଁ ସାମଗ୍ରୀ ବିଷୟରେ ଆମେ ଆଲୋଚନା କରୁଛେ, ସେଗୁଡିକ ଯଦି ଏକ ପ୍ରକାରର ହୋଇଥାଏ ଓ ଯେଉଁଗୁଡିକୁ ଉତ୍ତମ ଶବ୍ଦ ଦ୍ୱାରା ବର୍ଣ୍ଣନା କରାଯାଏ ସେଗୁଡିକୁ ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ ବା TLM କୁହାଯାଏ ନାହିଁ । ସରଳ ଭାଷାରେ TLM ବା ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀକୁ କେବଳ ଶିକ୍ଷଣ ଓ ଶିକ୍ଷାଦାନ ନିମନ୍ତେ ବ୍ୟବହାର କରାଯାଇପାରେ । ପ୍ରକୃତରେ, ସାମଗ୍ରୀ ଯେଉଁଗୁଡିକୁ ଶ୍ରେଣୀକକ୍ଷକୁ ଅଣାଯାଏ ମାତ୍ର ଶିକ୍ଷାର୍ଥୀମାନେ ଖୁବ୍ କମ୍ ବ୍ୟବହାର କରିଥାନ୍ତି ସେଗୁଡିକୁ ଶିକ୍ଷାଦାନ ଉପକରଣ କୁହାଯାଏ ।

ବାସ୍ତବରେ କହିବାକୁ ଗଲେ ଯେଉଁ ସାମଗ୍ରୀଗୁଡିକ ଶିକ୍ଷାର୍ଥୀମାନେ ଛୁଇଁ ପାରନ୍ତି ନାହିଁ, ତାକୁ ଶିକ୍ଷଣରେ ବ୍ୟବହାର କରିପାରନ୍ତି ନାହିଁ, କେବଳ ଶିକ୍ଷକ ତାକୁ ଶ୍ରେଣୀ କକ୍ଷରେ ଝୁଲେଇ ରଖନ୍ତି ଓ ଶିକ୍ଷକ ନିଜେ ବ୍ୟବହାର କରନ୍ତି, ସେଗୁଡିକୁ ଶିକ୍ଷଣ ଉପକରଣ କୁହାଯାଏ ।

TLM ଏବଂ ଶିକ୍ଷାଦାନ ଉପକରଣ Teaching Aids, ଶିକ୍ଷା ପାଇଁ ବ୍ୟବହାର ଦୃଷ୍ଟିରୁ ଉଭୟର

ଉପଯୋଗୀତା ରହିଛି । ଏହା ବୁଝାଯାଇପାରେ ଯେ କେବଳ ଶିକ୍ଷଣ ସାମଗ୍ରୀର ଉପଲବ୍ଧତା ହେଲେ ଏକ ଉତ୍ତମ ଶିକ୍ଷାଦାନ ପ୍ରକ୍ରିୟା ହୋଇପାରିବ ।

ବେଳେ ବେଳେ ଶିକ୍ଷାଦାନ - ଶିକ୍ଷଣ ସାମଗ୍ରୀ ବା (TLM) ଓ ଶିକ୍ଷାଦାନ ଉପକରଣ (Teach ing Aids) କୁ ଉଦାହରଣ ରୂପେ ପ୍ରସ୍ତୁତ କରାଯାଇଥାଏ । ବିଭିନ୍ନ ପ୍ରକାର ଚାର୍ଟ, ମଡେଲଗୁଡିକ ଥର୍ମୋକୁଲ ଓ ପ୍ଲାଷ୍ଟିକରେ ତିଆରି ହୋଇଥାଏ । ଏଗୁଡିକ କେବଳ ଶିକ୍ଷକ ହିଁ ପ୍ରସ୍ତୁତ କରିଥାନ୍ତି ଓ ଶିକ୍ଷକ ନିଜେ ହିଁ ଶ୍ରେଣୀ ଗୃହରେ ଶିକ୍ଷାଦାନ ବେଳେ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ସେତେ ପରିମାଣରେ ବ୍ୟବହାର କରି ନଥାନ୍ତି । ସାଧାରଣତଃ ଏଗୁଡିକର ପ୍ରସ୍ତୁତି ନିମନ୍ତେ ଶିକ୍ଷକ ବହୁତ ସମୟ ବିନିଯୋଗ କରିଥାନ୍ତି ଓ ସେଗୁଡିକ କୋଠରୀରେ ବର୍ଷ ବର୍ଷ ଧରି ସଜାଇ ରଖିଥାନ୍ତି କିନ୍ତୁ ଶ୍ରେଣୀ କୋଠରୀରେ ସେଗୁଡିକର ବ୍ୟବହାର ହୋଇ ନଥାଏ କି ଉଦ୍ଦିଷ୍ଟ ନିର୍ଘଣ୍ଟ ପାଇଁ ପିଲାମାନେ ସେଗୁଡିକୁ  ଛୁଇଁବା ବା ଭଲ କରି ବା ତନ୍ନ ତନ୍ନ କରି ଦେଖିବାର ସୁଯୋଗ ପାଇ ନଥାନ୍ତି । ଏହାର କାରଣ ହେଉଛି କାଳେ ଏହା ଭାଙ୍ଗି ନଷ୍ଟ ହୋଇଯିବ, ଏହି ଭୟ ଶିକ୍ଷକମାନଙ୍କ ମନରେ ରହିଥାଏ ।

ମଡେଲ ଏକ କଳାକୃତି ରୂପେ ପରିଗଣିତ ହୋଇଥାଏ ଓ ଏହାକୁ ପ୍ରସ୍ତୁତ କରିବା ପାଇଁ ଦୀର୍ଘ ସମୟ ଲାଗିଥାଏ । ଭାଙ୍ଗିଗଲେ ବା ନଷ୍ଟ ହୋଇଗଲେ ଏହାକୁ ତିଆରି କରିବା କଷ୍ଟକର କାର୍ଯ୍ୟ  ହୋଇଥାଏ ।

ଏହି ପ୍ରକାରର ଶିକ୍ଷଣ ଉପକରଣର ବ୍ୟବସ୍ଥା ପ୍ରାୟତଃ ସମସ୍ତ ବିଦ୍ୟାଳୟ ଏବଂ ଡ଼ି.ଆଇ.ଇ.ଟି (ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ)ମାନଙ୍କର ଦେଖିବାକୁ ମିଳେ । ବ୍ୟବହାର କରାଯାଉଥିବା ଶିକ୍ଷଣ ସାମଗ୍ରୀଗୁଡିକରେ କେବଳ ରଙ୍ଗ ଓ କଳା କୌଶଳର ପାର୍ଥକ୍ୟ ଅନୁଭୂତ ହୋଇଥାଏ । ପ୍ରତିରୂପ ବା ମଡେଲ ପ୍ରସ୍ତୁତ କରିବା ଶିକ୍ଷକଙ୍କ ପାଇଁ ଏକ ଆହ୍ୱାନମୂଳକ କାର୍ଯ୍ୟ ହୋଇଥାଏ । ଏଥିରେ ଶିକ୍ଷକଙ୍କର କଳାକୃତିର ନିଦର୍ଶନ ପ୍ରସ୍ଫୁଟିତ ହୋଇଥାଏ । ମାତ୍ର ଏଗୁଡିକୁ ଶିକ୍ଷାର୍ଥୀମାନେ କ୍ୱଚିତ୍ ବ୍ୟବହାର କରିବା ପାଇଁ ସୁଯୋଗ ପାଇଥାନ୍ତି । ଯଦି ବା ଦେଖିବା ପାଇଁ ସୁଯୋଗ ମିଳିଥାଏ, ତାହା ସ୍ୱଳ୍ପ ସମୟ ପାଇଁ ଓ ଭୟର ସହିତ ଦେଖିଥାନ୍ତି ଏବଂ ତାହା ବି ସେମାନେ ଶ୍ରେଣୀକକ୍ଷରୁ ପ୍ରସ୍ଥାନ ପରେ ଭୁଲିଯାନ୍ତି । ଏଠାରେ ଶିକ୍ଷାର୍ଥୀମାନଙ୍କ ଦ୍ୱାରା କୌଣସି ଶିକ୍ଷଣ ହୋଇ ନଥାଏ ।

## ୯.୬ ଶିକ୍ଷାଦାନ- ଶିକ୍ଷଣ ସାମଗ୍ରୀ କିପରି ସାହାଯ୍ୟ କରେ

ଶିକ୍ଷଣ ସାମଗ୍ରୀ ବିଷୟରେ ଚିନ୍ତା କରିବା ପୂର୍ବରୁ ଆମକୁ  ଶିକ୍ଷାର୍ଥୀଙ୍କୁ କଣ ପଢାଇବା ଓ ସେମାନେ କିପରି ଶିଖନ୍ତି ଏ ବିଷୟରେ ଚିନ୍ତା କରିବାକୁ ହେବ । ଆମେ ଯଦି ଶିକ୍ଷାର୍ଥୀଙ୍କର ଶିଖିବାର ପ୍ରକ୍ରିୟାକୁ ଜାଣିପାରିବା, ତେବେ ଶିକ୍ଷାଦାନ ପ୍ରକ୍ରିୟାରେ ଶିକ୍ଷାର୍ଥୀଙ୍କୁ କିପରି ସକ୍ରିୟ ରଖାଯାଇପାରିବ, ତା ବିଷୟରେ ଆମେ ସୁଯୋଗ ସୃଷ୍ଟି କରିବା ନିମନ୍ତେ ଚେଷ୍ଟିତ ହେବା ।  ଶିକ୍ଷଣ ସାମଗ୍ରୀ ଏହି ପ୍ରକ୍ରିୟାକୁ ସହଜ ଓ ସରଳ ହେବା ନିମନ୍ତେ ସାହାଯ୍ୟ କରିଥାଏ । ଉଦାହରଣସ୍ୱରୂପ ଦକ୍ଷତା ଓ ରୁଚି ଅନୁଯାୟୀ ଏବଂ ଶ୍ରେଣୀ ବିଭାଗ ଅନୁଯାୟୀ ଏବଂ କାର୍ଯ୍ୟର ବିଭାଗ ଦୃଷ୍ଟିରୁ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷଣ କାର୍ଯ୍ୟରେ ନିୟୋଜିତ କରିବା । ଏହି ବସ୍ତୁଗୁଡିକ ବିଭିନ୍ନ ରଙ୍ଗ, ଆକାର ଓ ଓଜନ ଓ ଆକୃତିର ହୋଇଥାଏ । ଏହି ବର୍ଗୀକରଣ ପ୍ରକ୍ରିୟାରେ ଶିକ୍ଷାର୍ଥୀଙ୍କୁ ବସ୍ତୁଗୁଡିକ ବିଷୟରେ ଚିନ୍ତାକରିବା ଓ ସେଗୁଡିକର ନାମକରଣ କରିବାକୁ ହୋଇଥାଏ । ଭାଷା ଶିକ୍ଷଣରେ ପରିବେଶ ବିଜ୍ଞାନର ମଧ୍ୟ ଭୂମିକା ରହିଛି । ଛାତଛାତ୍ରୀମାନଙ୍କୁ ଅଭ୍ୟାସ କରିବା ପାଇଁ ଯେ କୌଣସି ସାମଗ୍ରୀକୁ ବ୍ୟବହାର କରିବାକୁ ଦିଆଯାଇପାରେ । ଏବଂ ସେହି ସାମଗ୍ରୀଗୁଡିକୁ ନେଇ ବିଭିନ୍ନ ପ୍ରକାରର ଶ୍ରେଣୀ ବିଭାଗ କରାଯାଇପାରେ । ଶିକ୍ଷଣର ଅଗ୍ରଗତି ନିମନ୍ତେ ଶିକ୍ଷଣ କାର୍ଯ୍ୟର ପ୍ରକୃତି, ସ୍ତର ଓ ଶିକ୍ଷଣ ସାମଗ୍ରୀ ଉପଯୁକ୍ତ ପରିବର୍ତ୍ତନ କରାଯାଇପାରେ ।

ଟିପ୍ପଣୀ

ଆମେ ଏହି ପ୍ରକାରର କାର୍ଯ୍ୟ ବିଭିନ୍ନସ୍ତରରେ ଅଭ୍ୟାସ କରିପାରିବା । ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଆମେ ବସ୍ତୁର ବୈଶିଷ୍ଟ ଦୃଷ୍ଟିରୁ ସେଗୁଡିକୁ ଶ୍ରେଣୀଭୁକ୍ତ କରିପାରିବା କିମ୍ବା ଆମେ ଶିକ୍ଷାର୍ଥୀଙ୍କୁ ବସ୍ତୁଗୁଡିକୁ ପରୀକ୍ଷା କରି ସେମାନଙ୍କର ଗୁଣକୁ ଅନୁଧ୍ୟାନ କରି ଶ୍ରେଣୀ ବିଭାଗ କରିପାରିବା ।

କ୍ରମେ ଶିକ୍ଷାର୍ଥୀଙ୍କୁ ବସ୍ତୁର ବୈଶିଷ୍ଟ୍ୟ ଗୁଡ଼ିକ ଅଧାରରେ ସେଗୁଡିକୁ ଶ୍ରେଣୀଭୁକ୍ତ କରିବା ପାଇଁ ଦିଆଯାଇପାରେ । ଉଦାହରଣସ୍ୱରୂପ ଶିକ୍ଷାର୍ଥୀଙ୍କୁ ଗୋଲାକୃତି ଓ ଘନାକୃତି ବିଶିଷ୍ଟ ବସ୍ତୁକୁ ଅଲଗା ଅଲଗା କରିବା/ ବାଛିବା ପାଇଁ ଦିଆଯାଇପାରେ । ଏହି ପ୍ରକ୍ରିୟା ଶିକ୍ଷାର୍ଥୀଙ୍କର ବର୍ଗୀକରଣ ଦକ୍ଷତାକୁ ମାର୍ଜିତ କରିଥାଏ । ଉକ୍ତ ଅଭିଜ୍ଞତା ବଳରେ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ସ୍ତରରେ ବର୍ଗୀକରଣ କରିବା ଦକ୍ଷତାରେ ଉନ୍ନତି ଘଟିଥାଏ । କେବଳ ଯେ ଏହି ଦକ୍ଷତା ଭାଷା ଶିକ୍ଷଣ ଦକ୍ଷତାରେ ଅଭିବୃଦ୍ଧିରେ ସାହାଯ୍ୟ କରେ, ତାହା ନୁହେଁ ଅନ୍ୟ ଶ୍ରେଣୀର ଭାଷା ଶିକ୍ଷଣରେ ମଧ୍ୟ ସାହାଯ୍ୟ କରିଥାଏ । ଆମେ ଦେଖୁ ଯେ ବିଭିନ୍ନ ପ୍ରକାର ସାମଗ୍ରୀଗୁଡିକ ଶିକ୍ଷାର୍ଥୀ ଏକ ସୁସଂଗଠିତ ଭାବରେ ପ୍ରତ୍ୟେକ ବିଷୟ ପାଇଁ ବ୍ୟବହାର କରିଥାଏ ଏବଂ ଏହି ବିଭିନ୍ନ ପ୍ରକାରର ସାମଗ୍ରୀଗୁଡିକ ଶିକ୍ଷାର୍ଥୀର ବିଭିନ୍ନ ବିଷୟ ଶିକ୍ଷଣରେ ସହାୟକ ହୋଇଥାଏ ।

**ନିଜର ପ୍ରଗତିକୁ ପରଖିବା - ୩**

୧. ଏହିଗୁଡିକ ମଧ୍ୟରୁ କେଉଁଟିରେ ଶିକ୍ଷାର୍ଥୀର ଭୂମିକା ଗୌଣ ଅଟେ ?
   କ). ଟି.ଏଲ୍.ଏମ୍, ଖ). ଶିକ୍ଷାଦାନ ଉପକରଣ, ଗ). ଶିକ୍ଷଣ, ଘ). ମଡେଲ
୨. 'ଟି.ଏଲ୍.ଏମ୍' 'ଏକଯାଦୁ ନୁହେଁ' । ଏହି ଉକ୍ତିର ତାତ୍ପର୍ଯ୍ୟ କ'ଣ ?
୩. ଶିକ୍ଷାଦାନ - ଶିକ୍ଷଣ ସାମଗ୍ରୀ ଓ ଶିକ୍ଷାଦାନ ଉପକରଣ (ଟି.ଏଲ୍.ଏମ୍) ମଧ୍ୟରେ ପାର୍ଥକ୍ୟ କଣ ?
୪. ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ନିକଟରେ ଉପଲବ୍ଧ ହେବା ଆବଶ୍ୟକ କାହିଁକି ?
୫. କେଉଁ ଉପାୟରେ ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ ଶିକ୍ଷାଦାନରେ ସାହାଯ୍ୟ କରେ ଏବଂ କିପରି ଏହାର ଉପଯୋଗ ହେବା ଉଚିତ୍ ।

## ୯.୭ ଉତ୍ତମ ଶୈକ୍ଷିକ ସାମଗ୍ରୀ କଣ ?

ଆମେ ଯେତେବେଳେ କହୁ ଯେ ଉତ୍ତମ ଶୈକ୍ଷିକ ସାମଗ୍ରୀ ତାହା ନୁହେଁ, ଯାହା କେବଳ ଶିକ୍ଷକ ନିଜର ଶିକ୍ଷାଦାନକୁ ବୁଝାଇବା ପାଇଁ ବ୍ୟବହାର କରନ୍ତି କିମ୍ବା ତଥ୍ୟ ପ୍ରଦାନ କରିବା ନିମନ୍ତେ ଶ୍ରେଣୀ କକ୍ଷରେ ଉପଯୋଗ କରନ୍ତି । ତେବେ ପ୍ରଶ୍ନ ଉଠେ, କ'ଣ ଶିକ୍ଷଣକୁ ସହାୟତା ଦେବା ପାଇଁ ଅନ୍ୟ କିଛି ଅତିରିକ୍ତ ସାମଗ୍ରୀ ଆବଶ୍ୟକ ? ଶ୍ରେଣୀ ଗୃହରେ କଳାପଟା, ଚକ୍ କିମ୍ବା ପାଠ୍ୟପୁସ୍ତକ ପରି ଅନ୍ୟ କିଛି ହେବା ଦରକାର ? ଯଦି ଶିକ୍ଷା ସାମଗ୍ରୀକୁ ବୁଝିବା ପାଇଁ ଆମର ବର୍ତ୍ତମାନ ଦୃଷ୍ଟିଭଙ୍ଗୀ ଓ ଏହାର ଉପଯୋଗ ବା ପ୍ରୟୋଗ ଠିକ୍ ନୁହେଁ, ତେବେ ଆମେ କିପରି ସାମଗ୍ରୀଗୁଡିକୁ ଶ୍ରେଣୀ ଗୃହରେ ବ୍ୟବହାର କରିବା ଉଚିତ୍ ? କଣ ଏହା କଳାପଟାର ଉପଯୁକ୍ତ ବିକଳ୍ପ ଭାବେ ବ୍ୟବହାର ହୋଇପାରିବ ? ଏହାକୁ ବିଶ୍ଳେଷଣ କଲେ ଆମକୁ ବିଚାର କରିବାକୁ ହେବ ଯେ ପିଲାଏ ଶିଖନ୍ତି କିପରି ଏବଂ ସେମାନଙ୍କର ଶିଖିବା ପ୍ରଣାଳୀ ବିଷୟରେ ଆମେ କଣ ଜାଣୁ ବା ଚିନ୍ତା କରୁ ?

ଯେତେବେଳେ ଆମେ ଏହି ବିଷୟରେ ଚିନ୍ତା କରୁ ସେତେବେଳେ ଆମକୁ ବର୍ତ୍ତମାନର ଶିକ୍ଷାଦାନ -ଶିକ୍ଷଣ ପ୍ରକ୍ରିୟା ବିଷୟରେ ଜାଣିବାକୁ ହେବ । ଏହି ପ୍ରକ୍ରିୟାର ଏକ ମୁଖ୍ୟ ଦିଗ ହେଉଛି ମାନବ ସମାଜ ଏପରିକି, ପିଲାମାନେ ମଧ୍ୟ ପୂର୍ବ ଅଭିଜ୍ଞତା ବା ଜ୍ଞାନ ଉପରେ ପର୍ଯ୍ୟବେସିତ ହୋଇଥାଏ ଓ ନୂତନ ଜ୍ଞାନ ଆହରଣ ନିମନ୍ତେ ସାହାଯ୍ୟ କରିଥାଏ । ଏହା ସ୍ପଷ୍ଟ ଯେ ବାସ୍ତବ ଓ ତତ୍କାଳିକ ଅଭିଜ୍ଞତା ବା ଅନୁଭବ ଶିକ୍ଷାର୍ଥୀଙ୍କୁ ବୁଝିବାରେ ସହାଯ୍ୟ କରିବା ସହିତ ଅବାସ୍ତବ ଧାରଣାକୁ ପ୍ରତିହତ କରି ନୂତନ ଜ୍ଞାନ ଆହାରଣ କରିବା ନିମନ୍ତେ

ପ୍ରୋତ୍ସାହିତ କରିଥାଏ । ପ୍ରକୃତରେ ପ୍ରତ୍ୟେକ ଶିକ୍ଷାର୍ଥୀ ନିଜସ୍ୱ ଢଙ୍ଗରେ କାର୍ଯ୍ୟ କରିଥାଏ ।  ଆମକୁ ଏହା ବୁଝିବାକୁ ହେବ ଯେ, ଶିକ୍ଷାର୍ଥୀ ଓ ତା'ର ଅଂଶଗ୍ରହଣ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଯେକୌଣସି ପରିସ୍ଥିତିରେ ବିଦ୍ୟାଳୟରେ ଶିକ୍ଷାର୍ଥୀ ଜଣେ ଦର୍ଶକ ନୀରବଦ୍ରଷ୍ଟା ବା ଶ୍ରୋତା ହେବା ଉଚିତ୍ ନୁହେଁ । ଏହି ପରିପ୍ରେକ୍ଷୀରେ ଶିକ୍ଷଣ ସାମଗ୍ରୀ ଏପରି ହେବା ଉଚିତ୍, ଯାହା ଶିକ୍ଷାର୍ଥୀର ବାସ୍ତବ ଅଭିଜ୍ଞତାକୁ ବ୍ୟାଖ୍ୟା କରୁଥିବ ଏବଂ ଶିଖିବାରେ ସାହାଯ୍ୟ କରୁଥିବ ।

କହିବାକୁ ଗଲେ, ସାମଗ୍ରୀ ଏପରି ହେବା ଉଚିତ୍ ଯାହାକୁ ଶିକ୍ଷାର୍ଥୀ ବିଶ୍ଳେଷଣ ଓ ପରୀକ୍ଷଣ କରି ନୂତନ ଜ୍ଞାନ ଆହରଣ କରିପାରିବା ସାମଗ୍ରୀ ଭାଙ୍ଗିଯିବା ବା ନଷ୍ଟ ହୋଇଯିବା ଭୟକୁ ମନରୁ ଦୂରେଇ ଦେଇ ଶିକ୍ଷାର୍ଥୀ ଏଗୁଡିକୁ ବ୍ୟବହାର କରିବା ପାଇଁ ସମର୍ଥ ହେବା ଆବଶ୍ୟକ । ଶିକ୍ଷଣ ସାମଗ୍ରୀ ଶିକ୍ଷାର୍ଥୀଙ୍କୁ ନିଜର ଜ୍ଞାନ ସଂଗଠନ ନିମନ୍ତେ ସୁଯୋଗ ସୃଷ୍ଟି କରିବା ଆବଶ୍ୟକ । ସେମାନେ ସାମଗ୍ରୀ ସହିତ ଖେଳିବା, ବିଶ୍ଳେଷଣ କରିବା ଓ ଅନୁସନ୍ଧାନ କରି ନୂତନ ଜ୍ଞାନ ଆହରଣ କରିବା ନିମନ୍ତେ ସାମଗ୍ରୀଗୁଡିକ ସେମାନଙ୍କ ପାଇଁ ଉପାଦେୟ ହେବା ଉଚିତ୍ । ଉଦାହରଣସ୍ୱରୂପ, ଅବାସ୍ତବ ଧାରଣାକୁ ବୁଝିବା ପାଇଁ ତାହାର ବାସ୍ତବ ରୂପ ପ୍ରଦର୍ଶନ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ପ୍ରସଙ୍ଗକୁ ଓ କଷ୍ଟକର ଅଭିବ୍ୟକ୍ତିକୁ ବୁଝିବା ପାଇଁ ସାମଗ୍ରୀ ସାହାଯ୍ୟ କରିଥାଏ । ଏହି ସାମଗ୍ରୀଗୁଡିକ ପ୍ରାସଙ୍ଗିକ ଧାରଣାକୁ ସଂଗଠିତ ଓ ଅଭିବର୍ଦ୍ଧିତ କରିଥାଏ ।

କ୍ରମେ ଶିକ୍ଷାର୍ଥୀମାନେ ଶିକ୍ଷଣ ସାମଗ୍ରୀର ସହାୟତା ବିନା ବା ବାସ୍ତବ ଚିତ୍ର ପ୍ରଦର୍ଶନ ବିନା ପ୍ରସଙ୍ଗଗୁଡିକୁ ସେମାନେ ବୁଝିବା ପାଇଁ ସକ୍ଷମ ହୋଇଥାନ୍ତି । ଏହା ସୂଚାଉଛି ଯେ ଶିକ୍ଷଣ ସାମଗ୍ରୀ ଶିକ୍ଷାର୍ଥୀଙ୍କର ପ୍ରସଙ୍ଗର ଅବଧାରଣା ନିମନ୍ତେ ଏକ ସାଧନ ବା ମାଧ୍ୟମ ମାତ୍ର, ଏହା ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାର ଉଦ୍ଦେଶ୍ୟ ନୁହେଁ । ଯଦି ଶିକ୍ଷଣ ପ୍ରକ୍ରିୟାର ଲକ୍ଷ୍ୟ/ ଉଦ୍ଦେଶ୍ୟ ସ୍ଥିର, ନିର୍ଦ୍ଦିଷ୍ଟ ବା ସ୍ପଷ୍ଟ ନୁହେଁ, ତେବେ ସାମଗ୍ରୀର ବ୍ୟବହାର ସଫଳ ହୋଇପାରିବ ନାହିଁ । ଏହା କହିବା ଉଚିତ୍ ହେବ ଯେ ବିଭିନ୍ନ ବୟସ ଓ ସ୍ତରର ଶିକ୍ଷାର୍ଥୀ ମାନଙ୍କ ଶିକ୍ଷଣ ଏବଂ ବିଭିନ୍ନ ପ୍ରକାରର ବିଷୟ ନିମନ୍ତେ ସମାନ ପ୍ରକାରର ବା ଏକ ପ୍ରକାରର ସାମଗ୍ରୀ ଉପଯୁକ୍ତ ହେବା ନାହିଁ । ସାମଗ୍ରୀଗୁଡିକର ପ୍ରକୃତି ଏବଂ ବ୍ୟବହାର କରିବାର କୌଶଳ ଦୃଷ୍ଟିରୁ ଏଗୁଡିକୁ ପରସ୍ପରଠାରୁ ଅଲଗା ବା ଭିନ୍ନ । ଏକ ବିଷୟର ସମସ୍ତ ପ୍ରସଙ୍ଗ ବା ଧାରଣା ନିମନ୍ତେ ଏକ ସମାନ ପ୍ରକାରର ସାମଗ୍ରୀ ଅନୁପଯୁକ୍ତ ବା ପ୍ରାସଙ୍ଗିକ ହେବ ନାହିଁ ।

ଏହା ସ୍ପଷ୍ଟ ଭାବରେ କୁହାଯାଇପାରେ ଯେ ବର୍ତ୍ତମାନ ଶୈକ୍ଷିକ ସାମଗ୍ରୀଗୁଡିକ ଶିକ୍ଷକଙ୍କର କଳାକୃତିର ନିଦର୍ଶନ ନିମନ୍ତେ ଓ ପରିଦର୍ଶକଙ୍କ ନିମନ୍ତେ ପ୍ରସ୍ତୁତ କରାଯାଉଛି । ପ୍ରସ୍ତୁତ ହୋଇଥିବା ଶିକ୍ଷଣ ସାମଗ୍ରୀଗୁଡିକ କେବଳ ଶିକ୍ଷଣ ସାମଗ୍ରୀ କକ୍ଷରେ କିମ୍ବା ଅଧକ୍ଷଙ୍କ କାର୍ଯ୍ୟାଳୟରେ ଶୋଭାବର୍ଦ୍ଧନ ନିମନ୍ତେ ଉପଯୋଗ କରାଯାଉଛି । ଯେତେବେଳେ ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ ବିଷୟରେ ଆଲୋଚନା କରାଯାଉଛି । ସେତେବେଳେ ଏହାର ବ୍ୟବହାର ଓ ଶିକ୍ଷାର୍ଥୀ କିପରି ଶିଖିବ ଏ ବିଷୟରେ ଚିନ୍ତା କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଯଦି ସାମଗ୍ରୀଗୁଡିକୁ ବିଭିନ୍ନ ଦୃଷ୍ଟିରୁ ପର୍ଯ୍ୟବେକ୍ଷଣ, ପରୀକ୍ଷା ଉଠାଇବା, ଚାରିଆଡକୁ ଫୋପାଡିବା ଏବଂ ଅନୁସନ୍ଧାନ କରିବାକୁ ହୁଏ, ତେବେ ସେଗୁଡିକର ଆକାର ଓ ପ୍ରକାର ଅଲଗା ଅଲଗା ହେବା ଉଚିତ୍ । ଯଦି ସାମଗ୍ରୀଗୁଡିକୁ ଶିକ୍ଷାର୍ଥୀ ବ୍ୟବହାର କରନ୍ତି ଏବଂ ବିଭିନ୍ନ ପ୍ରକାରର କାର୍ଯ୍ୟ କରନ୍ତି, ତେବେ ସାମଗ୍ରୀଗୁଡିକର ପ୍ରକୃତି ଏକାପ୍ରକାର ନ ହୋଇ ଅଲଗା ଅଲଗା ହୋଇଥାଏ । ସାମଗ୍ରୀଗୁଡିକ ଏପରି ହେବା ଉଚିତ୍ ଯାହା ବ୍ୟୟସାପେକ୍ଷ ଓ ସହଜରେ ଭାଙ୍ଗି ଯାଉ ନ ଥିବ ।

ଯେଉଁ ଶ୍ରେଣୀଗୃହରେ ପିଲାମାନଙ୍କୁ ସେମାନଙ୍କ ଅବବୋଧର ବିକାଶ ପାଇଁ ଶିକ୍ଷା – ଶିକ୍ଷଣରେ ଅଂଶଗ୍ରହଣ କରିବାର ସୁଯୋଗ ଦିଆଯାଏ, ତାହା ଆକର୍ଷଣୀୟ ହେବା ଉଚିତ । କିନ୍ତୁ ସେ ଅକର୍ଷଣ ଗୃହର ବାହ୍ୟ ଶୋଭାରେ ଚାକଚକ୍ୟରେ ରହିବା ଠିକ୍ ନୁହେଁ । କୋଠରୀଟି ସବୁବେଳେ ସୁନ୍ଦର ଦେଖାଯିବା ପରିବର୍ତ୍ତେ ପିଲାମାନଙ୍କ ବ୍ୟବହାର ଉପଯୋଗୀ ହେବା ଉଚିତ । ଶ୍ରେଣୀ କକ୍ଷ ଏପରି ହେବ ଯାହା ପିଲାଙ୍କୁ ସ୍ୱାଗତ କରି



ଟିପ୍ପଣୀ

ସେମାନଙ୍କ ମନରେ ନିଜଘରର ଅନୁଭବ ସୃଷ୍ଟି କରିବା ଆବଶ୍ୟକ । ଏହା ତାଙ୍କ ମନରେ ଭଙ୍ଗାରୁଜା ବା ଅପରିଷ୍କାର କରିବା ଭାବ ଜନ୍ମେଇବା ଉଚିତ ନୁହେଁ, ଯଦି ସେମାନେ ସେଠାରେ ଥିବା ଉପକରଣକୁ ସ୍ପର୍ଶକରନ୍ତି, ସେଠି ଖେଳାଖେଳି କରନ୍ତି ବା କେବଳ ସେଠାରେ ଅବସ୍ଥାନ କରନ୍ତି । ପ୍ରାଥମିକ ବିଦ୍ୟାଳୟର ଶୋଭା ନିହିତ ଯଦି ପିଲାମାନେ ଖୁସି, ସୁଖୀ ଓ ପ୍ରାଣବନ୍ତ ପ୍ରତୀତ ହୁଅନ୍ତି । ଏହାରକାନ୍ଥ ରଙ୍ଗୀନ, ଚାର୍ଟ ସୁନ୍ଦର ବା ଅନ୍ୟସାମଗ୍ରୀ ଘରେ ସଜ୍ଜା ହେବା କାନ୍ଥରେ ଝୁଲୁଥିବାର ସେମିତ ଜରୁରୀ ନାହିଁ । ଗୋଟିଏ ପ୍ରାଥମିକ ଶ୍ରେଣୀକକ୍ଷକୁ ସୁନ୍ଦର ଓ ଆକର୍ଷଣୀୟ କରିବାକୁ ହେଲେ, ଆମର ଏପରି ସମାଗ୍ରୀ ଲୋଡ଼ା ଓ ସେସବୁ ଏପରି ରଖାଯିବା ଦରକାର ଯାହା ପିଲାଙ୍କୁ ସକ୍ରିୟ ଓ ସମର୍ଥ କରି ଗଢିବ । ସେମାନେ ଅନୁଭବ କରିବେ ଯେ କୋଠରୀ ପ୍ରଶସ୍ତ ଏବଂ ସାମଗ୍ରୀ ସେମାନଙ୍କ ନିଜର ଏବଂ ସେମାନଙ୍କ ଅନୁଭୂତି ଓ ଅବବୋଧର ବିକାଶ ନମିନ୍ତେ ଏହାର ସାମର୍ଥ୍ୟ ଥିବ ।

**ନିଜର ପ୍ରଗତିକୁ ପରଖିବା-୪**

୧. କେଉଁ ସୁଚକଟି ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ କୋଠରୀ ନିମନ୍ତେ ଉତ୍ତମ ଅଟେ ?

କ). ରଙ୍ଗୀନ କାନ୍ଥ, ଖ). ରଙ୍ଗୀନ୍ ଚାର୍ଟ

ଗ). ଉତ୍ଫୁଲ୍ଲ ଏବଂ କାର୍ଯ୍ୟବ୍ୟସ୍ତ ପିଲାମାନେ, ଘ). ଅନ୍ୟାନ୍ୟ ଆକର୍ଷଣୀୟ ସାମଗ୍ରୀ

୨. ଉତ୍ତମ ଶୈକ୍ଷିକ ସାମଗ୍ରୀର କେଉଁ କେଉଁ ଗୁଣ ରହିବା ଉଚିତ୍ ?

..........................................................................................

..........................................................................................

..........................................................................................

୩. ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ କାହିଁକି ଶିକ୍ଷାର୍ଥୀଙ୍କର ଭୂମିକା ରହିବା ନିତାନ୍ତ ଆବଶ୍ୟକ ?

..........................................................................................

..........................................................................................

..........................................................................................

୪. ଶୈକ୍ଷିକ ସାମଗ୍ରୀ ପାଇଁ କୋଠରୀ କିପରି ଦେଖାଯିବା ଉଚିତ୍ ?

..........................................................................................

..........................................................................................

..........................................................................................

## ୯.୮ ଏକକ ସାମଗ୍ରୀ ଦ୍ୱାରା ଆମେ କଣ କରିପାରିବା ?

ଶିକ୍ଷଣ ସହାୟତା ନିମନ୍ତେ ବହୁତଗୁଡ଼ିଏ ସାମଗ୍ରୀର ପ୍ରୟୋଜନ ହୋଇ ନ ଥାଏ । ପ୍ରତ୍ୟେକ ଶିକ୍ଷଣ କାର୍ଯ୍ୟ ପାଇଁ କିଛି ନୂତନ ସାମଗ୍ରୀର ଆବଶ୍ୟକତା ରହିଥାଏ । ଯଦି ଆମେ ଗଭୀର ଭାବେ ଚିନ୍ତା କରି ଶିକ୍ଷଣ ଉଦ୍ଦେଶ୍ୟ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ କରିଥାଉ, ତେବେ ଗୋଟିଏ ପ୍ରକାର ସାମଗ୍ରୀ ଦ୍ୱାରା ଆମେ ବହୁ ପ୍ରକାରର ବ୍ୟବହାର କରିପାରୁ । ଏହି ପ୍ରକାରର ବ୍ୟବହାର କେବଳ ଗୋଟିଏ ବିଷୟ ପାଇଁ ନ ହୋଇ ଅନେକ ବିଷୟ ପାଇଁ ହୋଇଥାଏ । ଉଦାହରଣସ୍ୱରୂପ ଯଦି ଆମ ପାଖରେ ଗୋଟିଏ ଘନାକୃତି ବିଶିଷ୍ଟ ଗୋଟି ଅଛି, ଏହି ଗୋଟି ସାହାଯ୍ୟରେ ପିଲାମାନେ କ'ଣ କରିପାରିବେ ଏହି ଗୋଟି ଉପରେ ବିନ୍ଦୁ ଦେଇ ଏହାକୁ ଲୁଡୁ ଗୋଟି ଭାବେ ବ୍ୟବହାର କରାଯାଇପାରେ । ଶିକ୍ଷାର୍ଥୀମାନଙ୍କୁ ଏହି ଗୋଟିରେ ଯେତେ ସଂଖ୍ୟାକ ବିନ୍ଦୁ ଅଛି, ସେତେ ସଂଖ୍ୟକ

ଗୋଡି ଆଣିବାକୁ କୁହାଯାଇପାରେ ଓ ଖେଳିବାକୁ କୁହାଯାଇପାରେ । ଯଦି ଏହି ଖେଳକୁ ଦଳଗତ ଭାବେ ଖେଳାଯାଏ ତେବେ କେଉଁ ପିଲା କେତେ ସଂଖ୍ୟାକ ଗୋଡି ପାଇଛି ଓ କିଏ ବେଶି ପାଇଛି ତାହା ମଧ୍ୟ ଦେଖାଯାଇପାରେ । ଲୁଡୁ ଗୋଟିକୁ ଖେଳି କିଏ କେତେ ସଂଖ୍ୟା ପାଇଛି ତାହା ମଧ୍ୟ ହିସାବ କରାଯାଇପାରେ । ଆମେ ମଧ୍ୟ ଏହି ଗୋଟି ଖେଳି ପାଇଥିବା ସଂଖ୍ୟାକୁ କ୍ରମ ଅନୁସାରେ ସଜାଇପାରିବା ଏବଂ ନିର୍ଦ୍ଦିଷ୍ଟ ସଂଖ୍ୟା କେତେଥରରେ ମିଳିଛି, ତାହା ମଧ୍ୟ ହିସାବ କରିପାରିବା ।

ଆମେ ମଧ୍ୟ ଏହି ସମଘନାକୃତି ବସ୍ତୁକୁ କାଗଜ ଉପରେ ଥରକୁ ଥର ରଖି ଏହା କେତୋଟି କ୍ୟୁବ୍‌ରେ କାଗଜଟି ଆଚ୍ଛାଦିତ ହୋଇପାରିଛି ତାହା ମଧ୍ୟ ହିସାବ କରିପାରିବ । ଏହାଦ୍ୱାରା କାଗଜର କ୍ଷେତ୍ରଫଳ ମଧ୍ୟ ନିର୍ଣ୍ଣୟ କରିଯାଇପାରେ । ପିଲାମାନେ ଏହି କ୍ୟୁବ୍ ଦ୍ୱାରା ବହୁତ କିଛି କାର୍ଯ୍ୟ କରିପାରିବେ । ସେମାନେ ମଧ୍ୟ ଏହି କ୍ୟୁବ୍ ସାହାଯ୍ୟରେ ବହୁତ ପ୍ରକାରର ଆକୃତି ତିଆରି କରିପାରିବେ । ତିଆରି କରିଥିବା ଆକୃତିଟି କିପରି ଦେଖାଯାଉଛି, ତାହା ମଧ୍ୟ ପଚାରି ପାରିବା । ଆମ ପାଖରେ ଯଦି ବର୍ଣ୍ଣମାଳା, ଶବ୍ଦ କିମ୍ବା ଛବି ଇତ୍ୟାଦିର କାର୍ଡ ଥାଏ, ତାକୁ ବ୍ୟବହାର କରି ବହୁତଗୁଡାଏ ସୁନ୍ଦର ସୁନ୍ଦର ଶିକ୍ଷଣ କାର୍ଯ୍ୟ କରିପାରିବା ।

## ୯.୯ ଭାଷାଶିକ୍ଷଣରେ କାର୍ଡର ଉପଯୋଗୀତା

ଭାଷା ଶିକ୍ଷଣ ଶିକ୍ଷାଦାନ କ୍ଷେତ୍ରରେ କାର୍ଡ ବ୍ୟବହାରର ଏକ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାଙ୍କେତିକ ଭାଷାକୁ ବୋଧଗମ୍ୟ ଭାଷାରେ ପରିବର୍ତ୍ତନ କରିବା ଓ ଶିକ୍ଷାର୍ଥୀଙ୍କୁ ଶିଖିବାରେ ସାହାଯ୍ୟ କରିବା । ଶିକ୍ଷାର୍ଥୀଙ୍କୁ ଶବ୍ଦ କାର୍ଡ ସହିତ ଚିତ୍ର କାର୍ଡକୁ ମିଳନ କରିବା ପାଇଁ ଦିଆଯାଇପାରେ । ଆମେ ମଧ୍ୟ ଶିକ୍ଷାର୍ଥୀମାନଙ୍କୁ ଗୋଟିଏ ଶବ୍ଦକାର୍ଡ ନେଇ ତଦନୁରୂପ ଅନ୍ୟ ଗୋଟିଏ ଶବ୍ଦକାର୍ଡ ଖୋଜିବାକୁ କହିପାରିବା । ସମସ୍ତ ଶବ୍ଦକାର୍ଡକୁ ଏକତ୍ର କରି ଗଳ୍ପ ତିଆରି କରିବା ପାଇଁ ମଧ୍ୟ ଦିଆଯାଇପାରେ । ସେହିପରି ଛବି/ଚିତ୍ର ଏବଂ ଚିତ୍ର କାର୍ଡକୁ ଆଲୋଚନା, କଥୋପକଥନ, ଚିନ୍ତାଶକ୍ତି, ଓ କଳ୍ପନାଶକ୍ତିର ଅଭିବୃଦ୍ଧି ଓ ଗଳ୍ପ ସଂରଚନା ନିମନ୍ତେ ମଧ୍ୟ ବ୍ୟବହାର କରାଯାଇପାରେ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଅଭ୍ୟାସ କାର୍ଯ୍ୟ ମୌଖିକ ଭାବେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଲିଖିତ କାର୍ଯ୍ୟ କରାଯାଇପାରେ । ଉଦାହରଣସ୍ୱରୂପ ପ୍ରଥମ ଶ୍ରେଣୀରେ ଶବ୍ଦକାର୍ଡ ବିଷୟରେ ଚିନ୍ତା କରାଯାଉ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ତୃତୀୟ ଶ୍ରେଣୀ ନିମନ୍ତେ ମଧ୍ୟ ଚିନ୍ତା କରାଯାଉ ।

ଏହା ସ୍ପଷ୍ଟ ଯେ ଏକପ୍ରକାରର ଶିକ୍ଷଣ ସାମଗ୍ରୀକୁ ବିଭିନ୍ନ ପ୍ରକାରର ଉଦ୍ଦେଶ୍ୟ ଭିତ୍ତିକ ଶିକ୍ଷଣ ନିମନ୍ତେ ବ୍ୟବହାର କରାଯାଇପାରେ ଏବଂ ଶିକ୍ଷାଦାନ-ଶିକ୍ଷଣର ଉଦ୍ଦେଶ୍ୟ ଓ ଧାରଣାର ବୋଧଗମ୍ୟତା ଦୃଷ୍ଟିରୁ ସେଗୁଡିକୁ ନିର୍ଣ୍ଣୟ କରାଯାଇଥାଏ । ଯଦି ଆମେ ଏହିସବୁ ବିଷୟ ଉପରେ ବିଚାର କରିବା, ତେବେ ଏହା ବୁଝିବାକୁ ହେବ ଯେ ଟି.ଏଲ୍.ଏମ୍‌କୁ ସେତେବେଳେ ବ୍ୟବହାର କରାଯିବ, ଯେତେବେଳେ ଜଣେ ଶିକ୍ଷକ ଜାଣବେ ଯେ ଶିକ୍ଷାର୍ଥୀ କଣ ଶିଖିବ, ଶିଖିବାର ସୋପାନଗୁଡିକ କଣ ଏବଂ ଏହାର କାର୍ଯ୍ୟଗୁଡିକ କଣ ? ଏହା ସହଜରେ ପରିଲକ୍ଷିତ ହୁଏ ଯେ ଶିକ୍ଷାର୍ଥୀମାନେ ଏହିସବୁ କାର୍ଯ୍ୟରେ ନିୟୋଜିତ ହେବା ପାଇଁ ସୁଯୋଗ ପାଇପାରନ୍ତି । ଏପରି ହେଲେ ଆମ ଚତୁଃପାର୍ଶ୍ୱରେ ଆମକୁ ଶିକ୍ଷଣ ସାମଗ୍ରୀ ଖୋଜି ପାଇବାରେ କଷ୍ଟ ହେବନାହିଁ ।

**ନିଜ ପ୍ରଗତିକୁ ପରଖିବା-୫**

୧. ଭାଷା ଶିକ୍ଷଣରେ କାର୍ଡର ଉଦ୍ଦେଶ୍ୟ;

କ). ପଠନରେ ସାଙ୍କେତିକ ଭାଷାକୁ ବୋଧଗମ୍ୟ କରିବା ନିମନ୍ତେ ସହାୟତା ପ୍ରଦାନ

ଖ). ଚିତ୍ର ଦେଖିବା

ଗ). ଚିତ୍ର ତିଆରି କରିବା

ଘ). ଅକ୍ଷର/ବର୍ଣ୍ଣମାଳା ଲେଖିବା

୨. ଆମେ କେଉଁ କେଉଁ ପ୍ରକାରର ବଲ୍‌କୁ ଶ୍ରେଣୀ ଗୃହରେ ବ୍ୟବହାର କରିପାରିବା ?

ଟିପ୍ପଣୀ

.........................................................................................................

.........................................................................................................

.........................................................................................................

୩. 'ଚିତ୍ର କାର୍ଡ' ଓ 'ଶବ୍ଦ କାର୍ଡ'କୁ ଭାଷା ଶିକ୍ଷଣରେ ଆମେ କିପରି ବ୍ୟବହାର କରିପାରିବ ?

.........................................................................................................

.........................................................................................................

.........................................................................................................

## ୯.୧୦ ଅର୍ଥପୂର୍ଣ୍ଣ ଶିକ୍ଷଣ ସାମଗ୍ରୀ

ଭାଷା ଶିକ୍ଷଣ ଓ ଶିକ୍ଷାଦାନ ଦୃଷ୍ଟିରୁ ସାମଗ୍ରୀଗୁଡିକର ପ୍ରକୃତି ଏବଂ ବ୍ୟବହାର କୌଶଳରେ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ଯଦି ଉଦ୍ଦେଶ୍ୟ କେବଳ ନିର୍ଦ୍ଦିଷ୍ଟ କବିତା/ପଦ୍ୟ ବା ଗଦ୍ୟ ଶିକ୍ଷଣ ହୋଇଥାଏ ତେବେ ଶିକ୍ଷାଦାନ ପ୍ରକ୍ରିୟା ଓ ଶିକ୍ଷଣ ସାମଗ୍ରୀ ଏକ ପ୍ରକାରର ହେବ । ଅନ୍ୟଥା ଯଦି ଉଦ୍ଦେଶ୍ୟ କେବଳ ଶିକ୍ଷାର୍ଥୀକୁ ଜଣେ ସ୍ୱତନ୍ତ୍ର ଚିନ୍ତନଶୀଳ ବ୍ୟକ୍ତି, ବିଚାରକ, ଏକ ବିଦ୍ୱାନ କିମ୍ବା ସାହିତ୍ୟରେ ତଥା ଅନ୍ୟ ବିଷୟରେ ରୁଚି ରଖୁଥିବା ବ୍ୟକ୍ତି ଭାବେ ଗଢିବାରେ ଥାଏ, ତେବେ ଭିନ୍ନ ଭିନ୍ନ ଶିକ୍ଷଣ ସାମଗ୍ରୀ କୁ ନିଆଯାଇଥାଏ ।

ଆମେ ଯଦି ଆଶା କରିବା ଯେ ଶିକ୍ଷାର୍ଥୀ ନିଜର ଧାରଣାକୁ ସ୍ପଷ୍ଟ ଭାବରେ ପରିପ୍ରକାଶ କରିବ ଏବଂ ଚିନ୍ତନ ଶକ୍ତିକୁ ପ୍ରାଞ୍ଜଳ ଭାବରେ ବୋଧଗମ୍ୟ କରିବାରେ ସକ୍ଷମ ହେବ, ତେବେ ସାମଗ୍ରୀର ପ୍ରକାର ଏବଂ ତା'ର ବ୍ୟବହାର ସମ୍ପୂର୍ଣ୍ଣ ଅଲଗା ହେବ ।

ଆମକୁ ଏହା ସୁସ୍ପଷ୍ଟ କରିବା ଦରକାର ଯେ ଶିକ୍ଷାର୍ଥୀକୁ ଏକ କବିତାକୁ ସ୍ପଷ୍ଟ ଓ ସଠିକ୍ ଉଚ୍ଚାରଣ ଏବଂ ନିର୍ଦ୍ଧାରିତ ସ୍ୱରରେ ଆବୃତ୍ତି କରେଇବାକୁ ସକ୍ଷମ କରାଇବା କିମ୍ବା ସେ ଶିକ୍ଷାର୍ଥୀ ନୂତନ କବିତାକୁ ଆବୃତ୍ତି ଏବଂ ଗୀତକୁ ଗାନ କରିବା ନିମନ୍ତେ ସକ୍ଷମ ହେବ । ଆମେ ଶିକ୍ଷାର୍ଥୀକୁ ମନେରଖିଥିବା ପ୍ରବନ୍ଧ ଏବଂ ପ୍ରଶ୍ନର ଉତ୍ତରକୁ ଲେଖିବାକୁ ଦେବା କିମ୍ବା ନିଜର ଅଭିଜ୍ଞତା ଓ ଅନୁଭୂତିକୁ ବାଣ୍ଟିବା ନିମନ୍ତେ ନିର୍ଦ୍ଦେଶ ଦେବା ଉଚିତ୍ କି ? ଆମେ ମଧ୍ୟ ଏହା ଅନୁଧ୍ୟାନ କରିବା ଉଚିତ୍ ଯେ ଶିକ୍ଷାର୍ଥୀ ଦୃଢ ବିଶ୍ୱାସ/ ଆତ୍ମବିଶ୍ୱାସର ସହିତ ପ୍ରସଙ୍ଗରେ ଭାଷାର ବ୍ୟବହାର କରିବାରେ ସକ୍ଷମ ହେଉଛି କି ନାହିଁ ? ଯଦି ଆମର ଉଦ୍ଦେଶ୍ୟ ଦ୍ୱିତୀୟ ପ୍ରକାରର ହୁଏ, ଅର୍ଥାତ ଶିକ୍ଷାର୍ଥୀକୁ ଦକ୍ଷ, ସ୍ୱାଧୀନ ଭାଷାର ବ୍ୟବହାରକାରୀ ଭାବେ ଗଠନ କରିବାକୁ ହୁଏ । ତେବେ ଆମର ଶ୍ରେଣୀ, ଗୃହରେ ଶିକ୍ଷାର୍ଥୀକୁ ନିୟମିତ ଭାବେ ନିଜର ଚିନ୍ତନ ଶକ୍ତି ଓ କଳ୍ପନା ଶକ୍ତିକୁ ବୃଦ୍ଧି କରିବା ଓ ପରିପ୍ରକାଶ କରିବା ନିମନ୍ତେ ସୁଯୋଗ ସୃଷ୍ଟି କରିବା ନିତାନ୍ତ ଆବଶ୍ୟକ ଅଟେ ।

ଏଥି ନିମନ୍ତେ ଯେଉଁ ଚିତ୍ରଗୁଡିକ ନୂତନ, ଆକର୍ଷଣୀୟ ଚିତ୍ତାକର୍ଷକ ଓ କଳ୍ପନା ଶକ୍ତିର ଉଦ୍ରେକ ପାଇଁ ସହାୟକ ସେହି ସାମଗ୍ରୀ ଶିକ୍ଷାର୍ଥୀଙ୍କ ପାଇଁ ଆବଶ୍ୟକ ଅଟେ । ଶିକ୍ଷାର୍ଥୀମାନେ ମଧ୍ୟ ପରସ୍ପର ସହିତ ମିଶି ଗଳ୍ପ ସୃଷ୍ଟି କରିବା ନିମନ୍ତେ ସୁଯୋଗ ଦରକାର କରନ୍ତି । ଆମକୁ ଏହିଭଳି ଶିକ୍ଷଣ ପ୍ରକ୍ରିୟା ସୃଷ୍ଟି କରିବାର ଅଛି । ଯେଉଁଠାରେ ଶିକ୍ଷାର୍ଥୀ ସ୍ୱାଧୀନ ଭାବେ ନିଜର ଧାରଣା ଓ ଚିନ୍ତନକୁ ସୁସଂଗଠିତ କରିପାରୁଥିବ । ଆହୁରି ଅନ୍ୟ କେତେକ ସାମଗ୍ରୀ ଅଛି ଯାହା ଶିକ୍ଷଣରେ ଉତ୍ପ୍ରେରକ ରୂପେ ସାହଯ୍ୟ କରେ । ସେଗୁଡିକ ଛାତ୍ରଛାତ୍ରୀଙ୍କୁ ନୂତନ ବିଷୟରେ ବା ପ୍ରସଙ୍ଗରେ ଚିନ୍ତା କରିବା, ଆଲୋଚନା କରିବା ଓ ଧାରଣାକୁ ସଂଗଠିତ କରିବା ନିମନ୍ତେ ଖୋରାକ୍ ଯୋଗଇଥାଏ ।

କଥନ ଓ ଉଚ୍ଚସ୍ୱରରେ ପଠନ ଶିକ୍ଷଣ ପ୍ରକ୍ରିୟା ଛାତ୍ରଛାତ୍ରୀଙ୍କର ସୀମିତ ଜ୍ଞାନ ଓ ମାନବିକ ଗୁଣର

ବିକାଶରେ ବାଧା ଦେଇଥାଏ । ଏହା ଶିକ୍ଷାର୍ଥୀଙ୍କର ନୂତନ ଜ୍ଞାନ ଓ ଧାରଣାର ଆହରଣ ଏବଂ ଦକ୍ଷତାର ବିକାଶକୁ ସୀମିତ କରିଥାଏ । ଭାଷାର ମୁକ୍ତ ବ୍ୟବହାର/ ପ୍ରୟୋଗ କରିବା ପାଇଁ ଏପରି ଶିକ୍ଷଣ ପ୍ରକ୍ରିୟା ଓ ଶିକ୍ଷଣ ସାମଗ୍ରୀର ଆବଶ୍ୟକ ହୋଇଥାଏ, ଯେଉଁଠାରେ ଶିକ୍ଷାର୍ଥୀ ମୁକ୍ତ ଭାବେ ଚିନ୍ତା କରିବାର ସୁଯୋଗ ଥାଏ । ଉଦାହରଣ ଏହା ପୂର୍ବରୁ ବର୍ଣ୍ଣିତ ହୋଇଛି କିନ୍ତୁ ଆମେ ମଧ୍ୟ ଏଥିନିମନ୍ତେ ଭିନ୍ନ ପ୍ରକାରର ଅନେକ କିଛି କାର୍ଯ୍ୟ କରିପାରିବା । ଏପ୍ରକାରର ଘଟଣାକୁ ଚିତ୍ରିତ ବା ଅବତାରଣା କରୁଥିବା ଚିତ୍ର, ଛବିର ବା କ୍ରମାଗତ ଘଟଣାର ଚିତ୍ର ଇତ୍ୟାଦିକୁ ଛାତ୍ରଛାତ୍ରୀମାନଙ୍କୁ ଗଳ୍ପ ଲିଖନ ନିମନ୍ତେ ବ୍ୟବହାର କରିବାକୁ ସୁଯୋଗ ସୃଷ୍ଟି କରିବା ଆବଶ୍ୟକ । ଏହି ଛବି/ଚିତ୍ରଗୁଡ଼ିକ ଦ୍ୱାରା ଶିକ୍ଷାର୍ଥୀ କେବଳ ଯେ ଚିତ୍ରଗୁଡ଼ିକର ଧାରଣାକୁ ବୁଝିବାରେ ସକ୍ଷମ ହୋଇଥାଏ, ତାହାନୁହେଁ ବରଂ ଛବିର, ବାହାରକୁ ଯାଇ ନିଜର ଚିନ୍ତନ ଶକ୍ତିର ପ୍ରୟୋଗ କରି ଏହାକୁ ଭାଷାରେ ପ୍ରକାଶ କରିଥାଏ ।

ନିଜ ପ୍ରଗତିକୁ ପରଖିବା -୬

୧. ନୂତନ ପ୍ରସଙ୍ଗରେ ଛାତ୍ରଛାତ୍ରୀମାନେ ଭାଷାର ବ୍ୟବହାର ନିମନ୍ତେ ଆମେ କଣ କରିପାରିବା:

କ). ଶିକ୍ଷାର୍ଥୀମାନଙ୍କୁ ମୁକ୍ତ/ସ୍ୱାଧୀନ ଭାବରେ ନିଜର ଧାରଣା ଓ ଚିନ୍ତନଶକ୍ତିକୁ ପରିପ୍ରକାଶ କରିବା ନିମନ୍ତେ ସୁଯୋଗ ସୃଷ୍ଟି କରିବା ।

ଖ). ମୁଖସ୍ଥ କରିଥିବା/ ପ୍ରଶ୍ନ-ଉତ୍ତରଗୁଡ଼ିକୁ ପୁନଃ ଉପସ୍ଥାପନ କରିବା

ଗ). ଚିତ୍ରରେ ଦିଆଯାଇଥିବା କବିତାକୁ ଆବୃତ୍ତି କରିବାକୁ ଦେବା ।

ଘ). ଶିକ୍ଷାର୍ଥୀଙ୍କୁ ନିର୍ଦ୍ଦିଷ୍ଟ ପ୍ରକାର ପଦ୍ୟ ଓ ଗଦ୍ୟ ବିଷୟରେ ପ୍ରକାଶ କରିବା ।

୨. ଶ୍ରେଣୀ ଗୃହରେ ଭାଷା ଶିକ୍ଷଣ ନିମନ୍ତେ କେଉଁ ପ୍ରକାରର ସାମଗ୍ରୀ ସହଜରେ ଉପଲବ୍ଧ ହେବ ? ଏହି ସାମଗ୍ରୀଗୁଡ଼ିକୁ ବ୍ୟବହାର କରି ଶିକ୍ଷାର୍ଥୀମାନେ ଆଉ କଣ କରିପାରିବେ ?

..........................................................................................................

..........................................................................................................

୩. ଗଳ୍ପ କଥନ ଓ ଗଳ୍ପ ଲିଖନ କିପରି ଶିକ୍ଷାର୍ଥୀଙ୍କୁ ଭାଷା ଦକ୍ଷତା ବୃଦ୍ଧିରେ ସାହାଯ୍ୟ କରିଥାଏ ?

..........................................................................................................

..........................................................................................................

## ୯.୧୧: ଭାଷା ଶିକ୍ଷଣରେ ସାମଗ୍ରୀଗୁଡ଼ିକ କଣ ?

ଭାଷା ଶିକ୍ଷଣରେ ସାମଗ୍ରୀର ଉଦ୍ଦେଶ୍ୟ କେବଳ ଶିକ୍ଷାର୍ଥୀଙ୍କ, ଭାଷା ବିଷୟ ସହିତ ପରିଚିତ କରାଇବା ନୁହଁ । ସାମଗ୍ରୀ ବ୍ୟବହାରର ଉଦ୍ଦେଶ୍ୟ ହେଉଛି ଶିକ୍ଷାର୍ଥୀଙ୍କୁ ଭାଷା ଦକ୍ଷତାର ଅଭିବୃଦ୍ଧି କରିବା । ଶିକ୍ଷାର୍ଥୀଙ୍କୁ ଶିକ୍ଷଣ ସମ୍ବଳ ଯୋଗାଇବା ଦ୍ୱାରା ଶିକ୍ଷାର୍ଥୀ ନିଜର ଭାଷାଗତ ଦକ୍ଷତା ଏବଂ କଳ୍ପନା ଶକ୍ତିର ବିକାଶ କରିପାରିବେ । ଏହି ସାମଗ୍ରୀଗୁଡ଼ିକ ଲିଖିତ ବା ବାଚନିକ ହୋଇପାରେ । ଏହା ବ୍ୟତୀତ ଆମେ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ଲିଖନ ନିମନ୍ତେ ସାମଗ୍ରୀର ଆବଶ୍ୟକତା ଅନୁଭବ କରୁ । ଲିଖନ ହେଉଛି ଭାଷା ଶିକ୍ଷଣର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଛୋଟ ଛୋଟ ପିଲାମାନେ ମଧ୍ୟ ଶ୍ରେଣୀ ଗୃହରେ ସାମଗ୍ରୀର ବ୍ୟବହାର କରି ନୂତନ ଶବ୍ଦର ପ୍ରୟୋଗ ଏବଂ ଶିକ୍ଷଣ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କରିଥାନ୍ତି । ପଦ୍ୟ ଆବୃତ୍ତିକୁ ଶୁଣିବା ବେଳେ ପଦ୍ୟର ତାଳ ଓ ଉତ୍ଥାନ୍-

ଟିପ୍ପଣୀ

ପଠନକୁ ଗୁରୁତ୍ୱ ଦେଇ ଶୁଣିବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ନିର୍ଦ୍ଦେଶ ଦେବା ଆବଶ୍ୟକ ।

ଏହା ହେଉଛି ସେମାନଙ୍କର ଭାଷା ଶିକ୍ଷଣ ଦକ୍ଷତାର ଏକ ଅଂଶ । ଭାଷା ଶିକ୍ଷଣରେ ସାମଗ୍ରୀଗୁଡିକର ଚୟନ ବା ତାଲିକା ପ୍ରସ୍ତୁତ କରିବାକୁ ହେଲେ ସାମଗ୍ରୀକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ସେଗୁଡିକ ମଧ୍ୟରୁ ଗୋଟିଏ ହେଉଛି ଲିଖନ ଓ ଅନ୍ୟଟି ମୌଖିକ ସାମଗ୍ରୀ । ଲିଖନ ସାମଗ୍ରୀଗୁଡିକ ମଧ୍ୟରେ ଏକ ମୁଖ୍ୟ ଉପାଦାନ ହେଉଛି ପାଠ୍ୟପୁସ୍ତକ ଏବଂ କାର୍ଯ୍ୟପୁସ୍ତିକା । ଏହା ବ୍ୟତୀତ ଚାର୍ଟ, ପୋଷ୍ଟର, କବିତା, ସଙ୍ଗୀତ କିମ୍ବା ଶବ୍ଦକାର୍ଡ ମଧ୍ୟ ଏହି ଶ୍ରେଣୀଭୁକ୍ତ ହୋଇପାରେ । ଏହା ବ୍ୟତୀତ ଶବ୍ଦକାର୍ଡ, ବର୍ଣ୍ଣମାଳା, ଚିତ୍ରକାର୍ଡ ଏବଂ ଅନ୍ୟପ୍ରକାରର କାର୍ଡ ଓ କାର୍ଡବୋର୍ଡରେ ତିଆରି ଶବ୍ଦ ଚିତ୍ରକାର୍ଡ, ଅନ୍ୟ କିଛି ପାଠାଗାର ସାମଗ୍ରୀ (ପତ୍ରିକା, ଖବରକାଗଜ, ସାମୟିକ ପତ୍ରିକା)ଇତ୍ୟାଦିକୁ ସାମଗ୍ରୀ ରୂପେ ବ୍ୟବହାର କରାଯାଇପାରେ ।

ରେଡିଓ, ଟେପ୍ ରେକର୍ଡର, ସି.ଡି ପ୍ଲେୟାର, ଫିଲ୍ମ ପ୍ରୋଜେକ୍ଟର ଇତ୍ୟାଦି ହେଉଛି ମୌଖିକ/ବାଚନିକ ଶିକ୍ଷଣ ସାମଗ୍ରୀ ଶ୍ରେଣୀ ଅନ୍ତର୍ଭୁକ୍ତ । ଏହି ସାମଗ୍ରୀଗୁଡିକ କେବଳ ଶିକ୍ଷାର୍ଥୀଙ୍କୁ ଗୀତ, ନାଟକ ଇତ୍ୟାଦି ଶୁଣିବାକୁ ସୁଯୋଗ ଦିଏ ତାହା ନୁହେଁ ବରଂ ଏହା ଗୀତର ତାଳ, ଲୟ, ଛନ୍ଦ ଇତ୍ୟାଦିର ଜ୍ଞାନ ଶିକ୍ଷାର୍ଥୀଙ୍କୁ ପ୍ରଦାନ କରିଥାଏ । ଏହି ସାମଗ୍ରୀଗୁଡିକ ଶିକ୍ଷାର୍ଥୀଙ୍କର ଶ୍ରବଣ ଦକ୍ଷତା ସହିତ ଶୁଦ୍ଧ ଉଚ୍ଚାରଣକୁ ଅନୁକରଣ କରିବା, ଧାରଣାର ବୋଧଗମ୍ୟତା ଏବଂ ବିଭିନ୍ନ ପ୍ରକାର ଅଭିବ୍ୟକ୍ତିକୁ ବିକଶିତ କରିବା ପାଇଁ ସାହାଯ୍ୟ କରିଥାଏ । ଏହା ବୁଝିବାକୁ ହେବ ଯେ ମୌଖିକ ସାମଗ୍ରୀ ଯଥା: ସିଡି, ସଫ୍ଟୱେୟାର୍‌ଗୁଡିକ ଉତ୍ତମ ଗୁଣବତ୍ତାର ହେବା ଆବଶ୍ୟକ । ନଚେତ୍ ଏହା ଶିକ୍ଷଣରେ ସହାୟକ ହେବ ନାହିଁ ।

କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ଗୁଡିକ ଦ୍ୱାରା ଶିକ୍ଷାର୍ଥୀ ବହୁତ କିଛି ଶିଖିବାର ସୁଯୋଗ ପାଇଥାଏ । ସେଗୁଡିକ କେବଳ ଯେ ଶିକ୍ଷାର୍ଥୀଙ୍କୁ ବ୍ୟକ୍ତିଗତ ଅଭିଜ୍ଞତା ଦିଏ ତାହା ନୁହେଁ ବରଂ ଏହା ଶିକ୍ଷାର୍ଥୀଙ୍କୁ ବିଭିନ୍ନ ପ୍ରକାରର ଚିତ୍ର ଓ ଦୃଶ୍ୟ ମାଧ୍ୟମରେ ଶିକ୍ଷଣରେ ନିୟୋଜିତ ରଖେ । ସେଗୁଡିକୁ ମଧ୍ୟ ଶ୍ରେଣୀ ଗୃହରେ ଶିକ୍ଷଣୀୟ ଫିଲ୍ମ ପ୍ରଦର୍ଶନରେ ମଧ୍ୟ ସାହାଯ୍ୟ କରେ । ଦୃଶ୍ୟ-ଶ୍ରାବ୍ୟ ଉପକରଣ/ସାମଗ୍ରୀ ଭାଷା ଶିକ୍ଷଣରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଯେଉଁ ଶିକ୍ଷକ ସୁନ୍ଦର କବିତା/ଗୀତ ଆବୃତ୍ତି କରିପାରେ ନାହିଁ ସେ ଏହି ଉପକରଣକୁ ଶ୍ରେଣୀ କକ୍ଷରେ ବ୍ୟବହାର କରି ଛାତ୍ରଛାତ୍ରୀଙ୍କୁ ଗୀତ/ ଗପ ଶୁଣାଇବାରେ ଉପଯୋଗ କରିପାରେ । ଏହି ସବୁ କାର୍ଯ୍ୟ କେବଳ କମ୍ପ୍ୟୁଟର ଓ ଇଣ୍ଟରନେଟ୍ ମାଧ୍ୟମରେ ହୋଇପାରିବ ।

ଯାହା ହେଉ, ଏହା ସମ୍ଭବ ହେବ କେବଳ ଏକ ଉତ୍ତମ ଶିକ୍ଷକଙ୍କ ଦ୍ୱାରା ଯିଏ କି ସଠିକ୍ ସମୟରେ ସଠିକ୍ ଓ ଉପଯୁକ୍ତ ସାମଗ୍ରୀ ଦ୍ୱାରା ଉପଯୁକ୍ତ କାର୍ଯ୍ୟକ୍ରମକୁ ଶ୍ରେଣୀ କକ୍ଷରେ ଉପସ୍ଥାପନ କରିପାରିବ ।

ଭାଷା ଶିକ୍ଷଣ ଅନ୍ୟାନ୍ୟ ପ୍ରସଙ୍ଗର ବିକାଶରେ ସାହାଯ୍ୟ କରେ । ଆମେ ସାମଗ୍ରୀଗୁଡିକୁ ତାର ବିଭବ, ବ୍ୟବହାର, ଗୁଣ ଇତ୍ୟାଦି ହିସାବରେ ଶ୍ରେଣୀ ବିଭାଗ କରାଯାଏ ବୋଲି ପୂର୍ବରୁ ପଢିଛେ । ଏହି ସାମଗ୍ରୀଗୁଡିକ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମକୁ ପରୀକ୍ଷା କରିବା, ପର୍ଯ୍ୟବେକ୍ଷଣ କରିବା, ବିଶ୍ଳେଷଣ କରିବା, ଯୁକ୍ତିଯୁକ୍ତ ବିଚାରକୁ ସଂଗଠନ କରିବା ଇତ୍ୟାଦି ତାହା ଶିକ୍ଷଣର ପ୍ରମୁଖ ଅଙ୍ଗ ଅଟେ । ଏହା ମନେ ରଖିବାକୁ ହେବ ଯେ ବିଜ୍ଞାନ ବହି, ଗଣିତ ଏବଂ ସାମାଜିକ ପାଠ ବହି ଇତ୍ୟାଦି ମଧ୍ୟ ଭାଷା ଶିକ୍ଷଣରେ ଗୋଟିଏ ଗୋଟିଏ ଅନ୍ୟତମ ସାମଗ୍ରୀ ଅଟେ । ଶିକ୍ଷାର୍ଥୀଙ୍କୁ ଭାଷା ଶିକ୍ଷଣରେ ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେବା ଏବଂ ଉପଯୁକ୍ତ ସାମଗ୍ରୀର ବ୍ୟବହାର ଭାଷା ଶିକ୍ଷଣରେ ସହାୟକ ହୋଇଥାଏ ।

**ନିଜ ପ୍ରଗତିକୁ ପରଖିବା -୭**

୧. ନିମ୍ନଲିଖିତ ମଧ୍ୟରୁ କେଉଁଟି ବାଚନିକ ସାମଗ୍ରୀ ନୁହେଁ ?

କ). ରେଡିଓ ଖ). ପାଠ୍ୟପୁସ୍ତକ ଗ). ସି.ଡି.ପ୍ଲେୟାର୍ ଘ). ଫିଲ୍ମ ପ୍ରୋଜେକ୍ଟର

୨. କେଉଁ ବାଚନିକ ଶିକ୍ଷଣ ସାମଗ୍ରୀକୁ ଭାଷା ଶିକ୍ଷଣ ନିମନ୍ତେ ତୁମେ ଚୟନ/ଉପଯୋଗ କରିବ ଓ କାହିଁକି ?

.......................................................................................................

୩. ଭାଷା ଶିକ୍ଷଣରେ ପାଠାଗାରକୁ କିପରି ବ୍ୟବହାର କରିବ ?

.......................................................................................................

୪. ଭାଷା ଶିକ୍ଷଣରେ ଉତ୍ତମ ଶିକ୍ଷଣ ସାମଗ୍ରୀ ଚୟନ କଲାବେଳେ କେଉଁ ସବୁ ଦିଗକୁ ବିଚାରକୁ ନେବ ?

## ୯.୧୨ ସାମଗ୍ରୀର ଉପଲବ୍ଧତା

ଆମ ଚତୁଃପାର୍ଶ୍ୱରେ ଅନେକ ସାମଗ୍ରୀ ସହଜରେ ଉପଲବ୍ଧ ହୋଇଥାଏ । ଯେଉଁ ସାମଗ୍ରୀଗୁଡିକ ସହଜରେ ମିଳେ ନାହିଁ ସେଗୁଡିକୁ ଖୋଜି ଶିକ୍ଷଣ କାର୍ଯ୍ୟରେ ବ୍ୟବହାର କରିବାକୁ ପଡିବ । କିଛି ସାମଗ୍ରୀଗୁଡିକୁ କିଣିବାକୁ ପଡିଥାଏ । କେବଳ ବଜାରରୁ ମିଳୁଥିବା ବ୍ୟୟସାପେକ୍ଷ ସାମଗ୍ରୀ ଶ୍ରେଣୀ କକ୍ଷରେ ବ୍ୟବହାର କରିବା ଜରୁରୀ ନୁହେଁ । କିଛି ସାମଗ୍ରୀଗୁଡିକ ଅଛି ଯେଉଁଗୁଡିକୁ ବିଦ୍ୟାଳୟ ନିମନ୍ତେ ବହୁ ସଂଖ୍ୟାରେ କିଣି ବ୍ୟବହାର କରାଯାଇପାରେ । ଶିକ୍ଷକଙ୍କ ପକ୍ଷେ କ୍ରୟ କରାଯାଉଥିବା ସାମଗ୍ରୀଗୁଡିକ ନିମନ୍ତେ ଆର୍ଥିକ ସହାୟତା/ ସମ୍ବଳ ଯୋଗାଇ ଦେବା ଆବଶ୍ୟକ । ଏଥିନିମନ୍ତେ ଏକ ସଂଗଠିତ ପ୍ରଣାଳୀର ଆବଶ୍ୟକତା ରହିଛି । ବିଗତ ଦୁଇଦଶନ୍ଧି ଧରି ଏହି ସାମଗ୍ରୀଗୁଡିକର ଉପଲବ୍ଧତା ନିମନ୍ତେ ପ୍ରୟାସ ଜାରି ରହିଛି । ଅନେକ ଚେଷ୍ଟା ପରେ ବର୍ତ୍ତମାନ ପ୍ରାଥମିକସ୍ତରର ଶିକ୍ଷକଙ୍କ ନିମନ୍ତେ ସାମଗ୍ରୀଗୁଡିକର ପ୍ରସ୍ତୁତି ଏବଂ କ୍ରୟ ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ସାମଗ୍ରୀଗୁଡିକର ବ୍ୟବହାର ଓ ଚୟନ ନିମନ୍ତେ ଶିକ୍ଷକଙ୍କୁ ସ୍ୱାଧୀନତା ପ୍ରଦାନ କରାଯାଇଛି । ଅଧିକ ସମ୍ଭାବ୍ୟ ସାମଗ୍ରୀ ଗୁଡିକର ବ୍ୟବହାର ନିମନ୍ତେ ନିୟମକୁ ସରଳ କରାଯାଇଛି । ଅନେକ କ୍ଷେତ୍ରରେ ସାମଗ୍ରୀଗୁଡିକୁ ନିମନ୍ତେ ଦିଆଯାଉଥିବା ଆର୍ଥିକ ସହାୟତାର ଉପଯୁକ୍ତ ବିନିଯୋଗ କରିବା ନିମନ୍ତେ ବିଦ୍ୟାଳୟ ସ୍ତରରେ ଶିକ୍ଷକମାନଙ୍କୁ ବାଧ୍ୟ କରାଯାଉଛି । ଏପରିକି ଶ୍ରେଣୀଗୃହରେ ସାମଗ୍ରୀଗୁଡିକ ପ୍ରାପ୍ତ କରିବା ଏବଂ ଚୟନ କରିବା ନିମନ୍ତେ କୌଣସି ନିଶ୍ଚିତ ସମ୍ଭାବନା ନ ଥାଏ । ସାମଗ୍ରୀଗୁଡିକର ବ୍ୟବହାର ସୁନିଶ୍ଚିତ କରିବା ନିମନ୍ତେ ଏକ ପ୍ରଭାବୀ ପ୍ରୟାସର ଆବଶ୍ୟକତା ରହିଛି ।

ସାଧାରଣତଃ ବିଦ୍ୟାଳୟରେ ଶିକ୍ଷକମାନେ ସାମଗ୍ରୀଗୁଡିକର ସୁନ୍ଦର ପ୍ରଦର୍ଶନ ନିମନ୍ତେ ବା ଆବଶ୍ୟକୀୟ ଉପକରଣକୁ କିଣି ସେଗୁଡିକୁ ତିଆରି କରି ପ୍ରଦର୍ଶନ କରିବା ନିମନ୍ତେ ଉପଯୋଗ କରିଥାନ୍ତି । ଏହା ମଧ୍ୟ ଦେଖାଯାଇଛି ଯେ ଶିକ୍ଷକ ଏବଂ ପ୍ରଧାନଶିକ୍ଷକମାନେ ସାମଗ୍ରୀଗୁଡିକୁ କିଣି ବିଦ୍ୟାଳୟରେ ରଖିବାକୁ ଦ୍ୱିଧାବୋଧ କରନ୍ତି । ଯେଉଁ ଶିକ୍ଷକମାନେ ଦରକାରୀ ଶିକ୍ଷଣ ସାମଗ୍ରୀଗୁଡିକୁ କିଣିବାକୁ ଚାହାଁନ୍ତି ସେମାନେ ତା'ର ଉତ୍ସକୁ ଖୋଜି ପାଆନ୍ତି ନାହିଁ । ବିଭିନ୍ନ ପ୍ରକାରର ଦରକାରୀ ସାମଗ୍ରୀର ଚୟନ ଓ କ୍ରୟ ନିମନ୍ତେ ଶିକ୍ଷକମାନେ ଉପଯୁକ୍ତ ସ୍ଥାନ ବା ଉତ୍ସର ସନ୍ଧାନ ପାଇ ନଥାନ୍ତି । ବିଦ୍ୟାଳୟ ନିକଟବର୍ତ୍ତୀ ବଜାରରେ ଉପଯୁକ୍ତ ଓ ଉତ୍ତମ ମାନର କ୍ୟାସେଟ୍ ଏବଂ ଚାର୍ଟ ଉପଲବ୍ଧ ହୁଏ ନାହିଁ । ଏହି ସାମଗ୍ରୀଗୁଡିକରେ ଉପଯୁକ୍ତ ବିନିଯୋଗ ଦ୍ୱାରା ଶିକ୍ଷାର୍ଥୀମାନେ ନିଜର ଭାଷାଗତ ଦକ୍ଷତାର ଅଭିବୃଦ୍ଧି କରିବା ସହିତ ନିଜ ପରିସୀମାକୁ ବୃଦ୍ଧି କରିପାରିବେ ।

ବର୍ତ୍ତମାନ ପ୍ରତ୍ୟେକ ରାଜ୍ୟ ଶିକ୍ଷା ବିଭାଗ ଜିଲ୍ଲାସ୍ତରରେ କେତେକ ବିଦ୍ୟାଳୟକୁ ଚୟନ କରି ସେଠାରେ ଆକର୍ଷଣୀୟ ସାମଗ୍ରୀ ଗଠନ କରି ଶିକ୍ଷାର୍ଥୀଙ୍କ ପ୍ରଦର୍ଶନ ନିମନ୍ତେ ବ୍ୟବସ୍ଥା କରିବାକୁ ଚିନ୍ତା କରୁଛି । ସାମଗ୍ରୀଗୁଡିକର ଉପଯୁକ୍ତ ବିନିଯୋଗ ନିମନ୍ତେ ବିଭିନ୍ନ ପ୍ରକାରର ଦିଗ/ଗୁଣ ବିଷୟରେ ଚିନ୍ତା କରିବା ଦରକାର । ଆମକୁ ଏହି ଶିକ୍ଷଣ ସାମଗ୍ରୀ କକ୍ଷର ଉଦ୍ଦେଶ୍ୟ ଏବଂ କାର୍ଯ୍ୟକାରିତା ବିଷୟରେ ଚିନ୍ତା କରିବା ଦରକାର । ବର୍ତ୍ତମାନ ପରିସ୍ଥିତିରେ ବିଦ୍ୟାଳୟ ଶିକ୍ଷାରେ ଆମକୁ ଏହି ଶିକ୍ଷଣ ସାମଗ୍ରୀ କକ୍ଷର ଉପାଦେୟତା ବିଷୟରେ ସଚେତନ ହେବା ଆବଶ୍ୟକ । ଯଦି ଆମେ ଅନେକ ସଂଖ୍ୟକ ବିଦ୍ୟାଳୟରେ ଏହି ଶିକ୍ଷଣ ସାମଗ୍ରୀ କକ୍ଷ ବିଷୟରେ ଚିନ୍ତା କରୁ, ତେବେ ଏଥି ନିମନ୍ତେ ଆବଶ୍ୟକ ହେଉଥିବା ଅର୍ଥ ବିଷୟରେ ବିଚାରକୁ ନେବା ଆବଶ୍ୟକ । ଏବଂ ପ୍ରତ୍ୟେକ ପିଲା ନିମନ୍ତେ ଖର୍ଚ୍ଚ ହେଉଥିବା ଅର୍ଥ ବିଷୟରେ ଚିନ୍ତା କରିବା ଆବଶ୍ୟକ । ଏହା ମଧ୍ୟ ଆମକୁ

ଟିପ୍ପଣୀ

ବିଚାରକୁ ନେବା ଆବଶ୍ୟକ ଯେ ଯେପରି ପ୍ରତ୍ୟେକ ଶିକ୍ଷାର୍ଥୀ ଏହି ସାମଗ୍ରୀ କକ୍ଷର ବ୍ୟବହାର କରିବା ନିମନ୍ତେ ସୁଯୋଗ ପାଉଥିବେ । ଯଦି ଏହି ଉଦ୍ଦେଶ୍ୟ ସାଧିତ ନ ହୁଏ ତେବେ ଶିକ୍ଷଣ ସାମଗ୍ରୀ କକ୍ଷର ମହତ୍ତ୍ୱ ପ୍ରତି ପାଦିତ ହୋଇପାରିବ ନାହିଁ ।

**ନିଜ ପ୍ରଗତିକୁ ପରଖିବା-୮**

୧. ନିମ୍ନଲିଖିତ ଉକ୍ତିଗୁଡିକ ମଧ୍ୟରୁ କେଉଁଟି ସାମଗ୍ରୀ ଚୟନର ଉପଯୁକ୍ତ ନିୟମାବଳୀ ନୁହେଁ ?

କ). ସାମଗ୍ରୀ ବ୍ୟୟସାପେକ୍ଷ ହେବା ଉଚିତ୍ ।

ଖ). ନିକଟବର୍ତ୍ତୀ ବଜାରରେ ଉପଲବ୍ଧ ହେବା ଉଚିତ୍ ।

ଗ). ସାମଗ୍ରିଗୁଡିକ ବ୍ୟୟସାପେକ୍ଷା ହେବା ଅନୁଚିତ୍ ।

ଘ). ସାମଗ୍ରୀଗୁଡିକୁ କ୍ରୟ କରି ବିଦ୍ୟାଳୟଗୁଡିକୁ ଦିଆଯାଇପାରେ ।

୨. ଯେଉଁ ସାମଗ୍ରୀଗୁଡିକ ସହଜରେ ଉପଲବ୍ଧ ହୁଏ ନାହିଁ, ତା ପାଇଁ ତୁମେ କଣ କରିବ ?

୩. ଶ୍ରେଣୀ ଗୃହରେ ଭାଷା ଶିକ୍ଷଣ ନିମନ୍ତେ ଉଦ୍ଦିଷ୍ଟ ସାମଗ୍ରୀର ଉପଯୁକ୍ତ ବିନିଯୋଗ ତୁମେ କିପରି କରିବ ?

୪. ଶ୍ରେଣୀ କକ୍ଷରେ ସାମଗ୍ରୀ ଚୟନ ନିମନ୍ତେ କେଉଁ ଦିଗ ପ୍ରତି ଧ୍ୟାନ ଦେବେ ?

## ୯. ୧୩ ସାମଗ୍ରୀର ବ୍ୟବହାର କିପରି କରିବ ?

ଆମେ ପୂର୍ବ ଏକକରେ ପଢିଥିବା ସାମଗ୍ରୀ ଏବଂ ଶିକ୍ଷଣରେ ତାହାର ବ୍ୟବହାରର ନିୟମାବଳୀ ବିଷୟରେ ପୁନରାଲୋଚନା କରିବା ଦରକାର । ଏହି ନିୟମାବଳୀଗୁଡିକ ଶ୍ରେଣୀ ଗୃହରେ ଶିକ୍ଷକଙ୍କୁ ସାମଗ୍ରୀ ବ୍ୟବହାର କୌଶଳର ଉପଯୁକ୍ତ ଜ୍ଞାନ ପ୍ରଦାନରେ ସହାୟକ ହୋଇଥାଏ ।

୧. ସାମଗ୍ରୀଗୁଡିକ ସହଜରେ ଉପଲବ୍ଧ ହେବା ଉଚିତ୍ । ଏପରିକି ଶିକ୍ଷଣ ସାମଗ୍ରୀ ବ୍ୟବହାର କରିବା ପୂର୍ବରୁ ସାମଗ୍ରିର ପୂର୍ବ ପ୍ରସ୍ତୁତି ଆବଶ୍ୟକ । ଶ୍ରେଣୀ କକ୍ଷରେ ସାମଗ୍ରୀର ବ୍ୟବହାରରେ ନିୟମିତତା ହେବା ଆବଶ୍ୟକ । ଅର୍ଥାତ ଶିକ୍ଷାଦାନ ପୂର୍ବରୁ ସାମଗ୍ରୀକୁ ପ୍ରସ୍ତୁତ କରିବା ଏବଂ ଉପଯୁକ୍ତ ସମୟରେ ବ୍ୟବହାର କରିବା ଆବଶ୍ୟକ ନ ହେଲେ ଶିକ୍ଷାର୍ଥୀଙ୍କର ଶିକ୍ଷଣରେ ଆଗ୍ରହ କମିଯାଏ ।

୨. ଏହା ମନେ ରଖିବା ଆବଶ୍ୟକ ଯେ ସାମଗ୍ରୀଗୁଡିକୁ ଶିକ୍ଷଣରେ ବ୍ୟବହାର ନିମନ୍ତେ ପ୍ରୟୋଗ କରିବା ଉଚିତ୍ ମାତ୍ର ପ୍ରଦର୍ଶନ ପାଇଁ ନୁହେଁ । ଶିକ୍ଷକଙ୍କୁ ଏହା ଜାଣିବା ଆବଶ୍ୟକ ଯେ କେଉଁ ପରିସ୍ଥିତିରେ କେଉଁ ପ୍ରକାରର ସାମଗ୍ରୀ ବ୍ୟବହାର କରିବା ଆବଶ୍ୟକ । ଶିକ୍ଷଣକୁ ଅର୍ଥପୂର୍ଣ୍ଣ କରିବା ପାଇଁ ସାମଗ୍ରୀ/ TLM ଏକ ସାଧନ ରୂପେ ବ୍ୟବହୃତ ହୁଏ ।

୩. ବହୁତଗୁଡାଏ ସାମଗ୍ରୀକୁ ବ୍ୟବହାର କରିବାକୁ ହେଲେ ଏକା ଥରକେ ସବୁଗୁଡିକ ବ୍ୟବହାର ନ କରି ଗୋଟିଏ ପରେ ଗୋଟିଏ ସାମଗ୍ରୀ ବ୍ୟବହାର କରିବା ଉଚିତ୍ । ଯେତେବେଳେ ଭିନ୍ନ ଭିନ୍ନ ସାମଗ୍ରୀଗୁଡିକ ମଧ୍ୟରେ ସମ୍ବନ୍ଧ ପ୍ରଦର୍ଶନ କରିବାକୁ ହୁଏ, ବା ସେଗୁଡ଼ିକର ପ୍ରତିକ୍ରିୟା ଜାଣିବାକୁ ହୁଏ ତେବେ ସେଗୁଡିକ ଏକତ୍ରିତ ଭାବେ ବ୍ୟବହାର କରାଯିବ ।

୪. ସାମଗ୍ରୀଗୁଡିକୁ ସଠିକ୍ ଭାବେ ସଂରକ୍ଷିତ କରି ରଖାଯିବା ଆବଶ୍ୟକ, ଯେପରିକି ଏହା ଶିକ୍ଷାର୍ଥୀଙ୍କ ବ୍ୟବହାର ନିମନ୍ତେ ସହଜରେ ଉପଲବ୍ଧ ହୋଇପାରୁଥିବ । ଶିକ୍ଷାର୍ଥୀମାନଙ୍କୁ ସାମଗ୍ରୀର ବ୍ୟବହାର ଓ ତା'ର ରକ୍ଷଣାବେକ୍ଷଣା ନିମନ୍ତେ ଦାୟିତ୍ୱ ଦେବା ଓ ସେଗୁଡିକ ପ୍ରତି ଶିକ୍ଷାର୍ଥୀଙ୍କୁ ଯତ୍ନବାନ କରାଇବା ଆବଶ୍ୟକ ।

୫. ସାମଗ୍ରୀଗୁଡିକର ବ୍ୟବହାର କରିବା ସମୟରେ ସେଗୁଡିକ ଭାଙ୍ଗିବା ଓ ନଷ୍ଟ ହୋଇଯିବାର ସମ୍ଭାବନା ଥାଏ । ଏଥିପ୍ରତି ଶିକ୍ଷାର୍ଥୀମାନଙ୍କୁ ତାଗିଦ୍ ନ କରି ନୂତନ ଭାବେ ପ୍ରସ୍ତୁତ କରିବା ଏବଂ ବ୍ୟବହାର କରିବା ନିମନ୍ତେ ପ୍ରୋତ୍ସାହିତ କରିବା ଆବଶ୍ୟକ ।



ଟିପ୍ପଣୀ

**ନିଜ ପ୍ରଗତିକୁ ପରଖିବା-୯**

୧. ଶିକ୍ଷାର୍ଥିମାନେ ସାମଗ୍ରୀଗୁଡିକୁ ବ୍ୟବହାର କରିବା ବେଳେ ନିମ୍ନୋକ୍ତ ମଧ୍ୟରୁ କେଉଁଟି ସମ୍ଭବ ନୁହେଁ ?

କ). ସାମଗ୍ରୀ ଭାଙ୍ଗିଯିବାର ସମ୍ଭାବନା ଅଧିକ ଥାଏ ।

ଖ). ସାମଗ୍ରୀର ବହୁଳ ବ୍ୟବହାର ଦ୍ୱାରା ନଷ୍ଟ ହେବା ।

ଗ). ସାମଗ୍ରୀର ଯତ୍ନର ଅବହେଳା ।

ଘ). ଏହା ଅକ୍ଷୁର୍ଣ୍ଣ ରହେ ।

୨. ଶୈକ୍ଷିକ ସାମଗ୍ରୀଗୁଡିକୁ ବ୍ୟବହାର କଲାବେଳେ କେଉଁ ପ୍ରବର୍ତ୍ତିତ ନିୟମାବଳୀ ବିଚାରକୁ ନେବା ଉଚିତ୍ ?

.......................................................................................................

.......................................................................................................

.......................................................................................................

୩. ଶ୍ରେଣୀ କକ୍ଷରେ ସାମଗ୍ରୀଗୁଡିକୁ କାହିଁକି ସଂରକ୍ଷିତ କରିବା ଆବଶ୍ୟକ ?

.......................................................................................................

.......................................................................................................

.......................................................................................................

## ୯.୧୪ ସାମଗ୍ରୀ ଚୟନ କିପରି କରିବା ?

ପ୍ରତ୍ୟେକ ଶିକ୍ଷକଙ୍କୁ କେଉଁ ସାମଗ୍ରୀଗୁଡିକୁ ସଂଗ୍ରହ, ପ୍ରସ୍ତୁତି ଏବଂ କ୍ରୟ କରିବାକୁ ହେବ ସେ ବିଷୟରେ ଚିନ୍ତା କରିବା ଆବଶ୍ୟକ । ଏହି ସାମଗ୍ରୀଗୁଡିକୁ କେଉଁ ଆଧାରରେ ଚୟନ କରାଯିବ । ବିଷୟରେ ଆମକୁ ଚିନ୍ତା କରିବା ଦରକାର । ନିୟମାବଳୀଗୁଡିକ ହେଲା:

୧. ପ୍ରଥମ ସିଦ୍ଧାନ୍ତ ହେଉଛି ସାମଗ୍ରୀ ଏପରି ହେବା ଉଚିତ୍, ଯାହା ଶୈକ୍ଷିକ ଉଦ୍ଦେଶ୍ୟକୁ ପୂରଣ କରିପାରୁଥିବ ଅର୍ଥାତ ସାମଗ୍ରୀଗୁଡିକ ଶିକ୍ଷାର୍ଥୀର ଶିକ୍ଷଣ ଆବଶ୍ୟକତା ଓ ଶୈକ୍ଷିକ ଉଦ୍ଦେଶ୍ୟକୁ ନିଶ୍ଚିତ କରିପାରୁଥିବ । ଉଦାହରଣସ୍ୱରୂପ ଯଦି ଶିକ୍ଷାର୍ଥୀଙ୍କର କଳ୍ପନା ଶକ୍ତି ଓ ସଂଗଠିତ ଉପାୟରେ ଧାରଣାକୁ ଅଭିବ୍ୟକ୍ତି କରିବାକୁ ହୁଏ ତେବେ ଆମେ ଚିତ୍ର/ଛବିକୁ ସାମଗ୍ରୀ ରୂପେ ଶିକ୍ଷାର୍ଥୀଙ୍କୁ ବ୍ୟବହାର କରିବାକୁ ଦିଆଯିବ ।

୨. ଦ୍ୱିତୀୟ ସିଦ୍ଧାନ୍ତ ହେଉଛି ସାମଗ୍ରୀ ଏପରି ହେବା ଉଚିତ୍, ଯାହା ଶୈକ୍ଷିକ ଉଦ୍ଦେଶ୍ୟକୁ ପୂରଣ ନିମନ୍ତେ ଉପଯୁକ୍ତ ହେବ । ଶିକ୍ଷକଙ୍କୁ ଏପରି ସାମଗ୍ରୀଗୁଡିକୁ ସଂଗ୍ରହ ବା ପ୍ରସ୍ତୁତ କରିବା ଆବଶ୍ୟକ ଯାହାକୁ ସେ ସହଜ ଭାବରେ ବ୍ୟବହାର କରିପାରୁଥିବେ ।

୩. ତୃତୀୟତଃ, ସାମଗ୍ରୀଗୁଡିକ ବ୍ୟୟସାପେକ୍ଷ ନ ହୋଇ ସହଜରେ ଅଳ୍ପ ପ୍ରଯତ୍ନରେ ମିଳୁଥିବା ଆବଶ୍ୟକ । ଏଗୁଡିକ ମଧ୍ୟ ଯଥେଷ୍ଟ ପରିମାଣରେ ଓ ଅଳ୍ପ ଖର୍ଚ୍ଚରେ ମିଳୁଥିବା ଆବଶ୍ୟକ । ଶିକ୍ଷାର୍ଥୀମାନେ ଏସବୁ ବ୍ୟବହାର କରିବାକୁ ସମର୍ଥ ହେବା ଆବଶ୍ୟକ ।

ଥର୍ମୋକୁଲରେ ତିଆରି ଚାର୍ଟଗୁଡିକ ଏପରି ହେବା ଉଚିତ୍ ନୁହେଁ, ଯାହା ଛୁଇଁ ଦେଲେ ସହଜରେ ଭାଙ୍ଗିଯାଉଥିବ । ଉତ୍ତମ ଶିକ୍ଷଣ ସାମଗ୍ରୀ ହେଉଛି ତାହା ଯାହା ସହଜରେ ଭାଙ୍ଗିଯାଉଥିବ ବା ନଷ୍ଟ ହୋଇ ଯାଉ ଥିବ ଏବଂ ପିଲାମାନେ ତାହାକୁ ଉପଯୁକ୍ତ ଶିକ୍ଷଣନିମିତ୍ତ ବ୍ୟବହାର କରିପାରୁଥିବେ । ତାକୁ ଉତ୍ତମ ଶିକ୍ଷଣ ସାମଗ୍ରୀ କୁହାଯିବ ।

ଟିପ୍ପଣୀ

୪. ସାମଗ୍ରୀଗୁଡିକ ଏମିତି ହେବା ଉଚିତ୍ ଯାହାକୁ ଶିକ୍ଷାର୍ଥୀମାନେ ବ୍ୟବହାର କଲାବେଳେ ଅଧିକ ସତର୍କତା ଅବଲମ୍ବନ କରିବାକୁ ହେଉଥିବ । ସେଗୁଡିକର ସୁରକ୍ଷିତ ନିମନ୍ତେ ଯଥେଷ୍ଟ ବ୍ୟୟ ବା ସତର୍କତା ଅବଲମ୍ବନ କରିବାକୁ ପଡୁ ନଥିବ ।

୫. ସାମଗ୍ରୀର ଚୟନ ଏବଂ ପ୍ରସ୍ତୁତି ନିମନ୍ତେ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀ ଅଂଶଗ୍ରହଣ କରିବା ଆବଶ୍ୟକ । ସାମଗ୍ରୀଗୁଡିକୁ ପୂର୍ବ ନିର୍ଦ୍ଧାରଣ ଓ ଚୟନ କରି ବିଦ୍ୟାଳୟକୁ ପଠାଇବା ଉଚିତ୍ ନୁହେଁ । ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କର ସାମଗ୍ରୀ ଚୟନ,ପ୍ରସ୍ତୁତ ଓ ବ୍ୟବହାରରେ ପୂର୍ଣ୍ଣ ସ୍ୱାଧୀନତା ରହିବା ଆବଶ୍ୟକ ।

୬. ଶିକ୍ଷକ/ଶିକ୍ଷାର୍ଥୀଙ୍କୁ ଶ୍ରେଣୀ ଗୃହରେ ସାମଗ୍ରୀର ଚୟନ ଏବଂ ବ୍ୟବହାରର କୌଶଳ ନିମନ୍ତେ ପୂର୍ଣ୍ଣ ସୁଯୋଗ ପ୍ରଦାନ କରିବା ଆବଶ୍ୟକ ।

ଆମେ ସମସ୍ତେ ଅବଗତ ଯେ ପିଲାମାନଙ୍କ ପାଇଁ ସାମଗ୍ରୀ ଚୟନ ଏବଂ ପ୍ରସ୍ତୁତି ନିମନ୍ତେ ଆମେ ଶିକ୍ଷା ପ୍ରଣାଳୀ/ ବ୍ୟବସ୍ଥାରେ ଶିକ୍ଷକଙ୍କୁ ଭାଗିଦାରୀ କରିବା ଆବଶ୍ୟକ । ସାମଗ୍ରୀଚୟନ, ପ୍ରସ୍ତୁତି ଏବଂ ବ୍ୟବହାରରେ ସାଧାରଣତଃ ଶିକ୍ଷକ ଏବଂ ଶିକ୍ଷାର୍ଥୀମାନଙ୍କର ଭୂମିକା ନଥାଏ । ଅଭିଜ୍ଞ ଶିକ୍ଷକ ମାନେ ଶିକ୍ଷାର୍ଥୀଙ୍କ ସହିତ ସମାଗ୍ରୀ ବ୍ୟବହାର ସମୟରେ ନୂତନ ଓ ଅଭିନବ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ସାଧାରଣତଃ ନୂତନ ଅଭିଜ୍ଞତା ହାସଲ କରିବାକୁ ସମର୍ଥ ହୋଇଥାନ୍ତି । ସାଧାରଣତଃ ଏହା ଦେଖାଯାଏ ଯେ ଅନ୍ୟ କାହାଦ୍ୱାରା ଚୟନ ହୋଇଥିବା ସାମଗ୍ରୀଗୁଡିକ ଶିକ୍ଷକଙ୍କ ବିଶ୍ୱାସଭାଜନ ବା ପସନ୍ଦ ହୋଇ ନଥାଏ । ଏପରିକି ବର୍ତ୍ତମାନ ଏକ ସାଧାରଣ ବ୍ୟବସ୍ଥା ହେଉଛି ସମସ୍ତ ଶିକ୍ଷକଙ୍କ ନିମନ୍ତେ ଶିକ୍ଷଣ ସାମଗ୍ରୀ ଚୟନ କରି ଶିକ୍ଷକଙ୍କୁ ଯୋଗାଇ ଦେବା । ଏହା ସତ୍ୱେ ଦେଖାଯାଇଛି ଯେ, ସାମଗ୍ରୀର ବିକେନ୍ଦ୍ରୀକରଣ ବ୍ୟବସ୍ଥାରେ ବଣ୍ଟନ କରାଯାଉଥିବା ସାମଗ୍ରୀଗୁଡିକରେ ବିଶ୍ୱସନୀୟତା ନ ଥାଏ । ତଥାପି ସେ ବ୍ୟବସ୍ଥା ଶିକ୍ଷକଙ୍କୁ ନିଜର ଅପରିବର୍ତ୍ତିତ ରହିଛି ନିଜର ସାମଗ୍ରୀର ଚୟନ ଓ ପ୍ରସ୍ତୁତି ନିମନ୍ତେ ସୁଯୋଗ ବା ଅନୁମତି ଦିଆଯିବା ଆବଶ୍ୟକ ।

**ନିଜ ପ୍ରଗତିକୁ ପରଖିବା-୧୦**

୧. ସାମଗ୍ରୀ ଚୟନ ନିମନ୍ତେ ଉପରେ କେତୋଟି ସିଦ୍ଧାନ୍ତ/ନିୟମାବଳୀ ବିଷୟରେ ଆଲୋଚନା କରାଯାଇଛି ?

କ). ୩

ଖ). ୪

ଗ). ୫

ଘ). ୮

ଏଗୁଡିକ ମଧ୍ୟରୁ ତୁମେ କେଉଁଟା ଗୁରୁତ୍ୱପୂର୍ଣ୍ଣ ବୋଲି ଭାବୁଛ ଏବଂ କାହିଁକି ?

....................................................................................................

....................................................................................................

....................................................................................................

୨. କାହିଁକି ଶିକ୍ଷକଙ୍କ ପକ୍ଷେ ସାମଗ୍ରି ଚୟନ, ପ୍ରସ୍ତୁତ ଏବଂ ସେଗୁଡିକର ବ୍ୟବହାରରେ ଅଂଶଗ୍ରହଣ କରିବା କାହିଁକି ଆବଶ୍ୟକ ?

....................................................................................................

....................................................................................................

....................................................................................................

ଗ. ସାମଗ୍ରୀ ଚୟନର ଦୁଇଟି ମୁଖ୍ୟ ସିଦ୍ଧାନ୍ତ ବିଷୟରେ ଆଲୋଚନା କର ?

..........................................................................................................

..........................................................................................................

..........................................................................................................

## ୯.୧୫ ସାରାଂଶ

ବିଦ୍ୟାଳୟରେ ଶିକ୍ଷକ-ଶିକ୍ଷାଦାନ ନିମନ୍ତେ କେତେକ ସାମଗ୍ରୀର ଆବଶ୍ୟକତା ରହିଛି । ଏଗୁଡିକ ମଧ୍ୟରୁ ଚଟାଇ, ବେଞ୍ଚ, ଚେୟାର, ଶୌଚାଗାର, ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା ଇତ୍ୟାଦି ଅନ୍ତର୍ଭୁକ୍ତ । ଏହି ଦରକାରୀ ସାମଗ୍ରୀଗୁଡିକୁ ମୌଳିକ/ପ୍ରାଥମିକ ସାମଗ୍ରୀ କୁହାଯାଏ । ଆଉ କେତେକ ଦରକାରୀ ସାମଗ୍ରୀ ରହିଛି, ଯାହାକୁ ଆମେ ଶୈକ୍ଷିକ ସାମଗ୍ରୀ ନାମରେ ଅଭିହିତ କରୁ । ଏଗୁଡିକ ମଧ୍ୟରେ ଚାର୍ଟ, ମଡେଲ, ଭାଷାକାର୍ଡ ଇତ୍ୟାଦି ଅନ୍ତର୍ଭୁକ୍ତ ଅଟେ । ଶିକ୍ଷକଙ୍କୁ ଶିକ୍ଷାଦାନ ଏବଂ ଶିକ୍ଷାର୍ଥୀଙ୍କୁ ଶିକ୍ଷଣ ନିମନ୍ତେ ସାମଗ୍ରୀଗୁଡିକ ଏକ ସାଧନା ରୂପେ ସାହାଯ୍ୟ କରେ । ଏହି କାରଣରୁ ଏଗୁଡିକୁ ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ ବା ଟି.ଏଲ୍.ଏମ୍ ନାମରେ ନାମିତ କରାଯାଇଛି । ବର୍ତ୍ତମାନର ନୂତନ ଧାରା ଅନୁସାରେ ଶିକ୍ଷଣ ସାମଗ୍ରୀ ଶିକ୍ଷାର୍ଥୀଙ୍କର ବ୍ୟବହାର ନିମନ୍ତେ ତାଙ୍କ ନିକଟରେ ଉପଲବ୍ଧ ହେବା ଆବଶ୍ୟକ । ଅର୍ଥାତ୍ ଶିକ୍ଷାର୍ଥୀ ନିଶ୍ଚିତ ଭାବେ ସାମଗ୍ରୀଗୁଡିକୁ ଛୁଇଁବା, ଅନୁସନ୍ଧାନ କରିବା, ପରୀକ୍ଷା କରିବା ଏବଂ ଏଗୁଡିକୁ ବ୍ୟବହାର କରି ବିଭିନ୍ନ କାର୍ଯ୍ୟମାନ କରିବା ନିମନ୍ତେ ସୁଯୋଗପାଇବା ଆବଶ୍ୟକ । ସେଠାରେ ସାମଗ୍ରୀଗୁଡିକର ଭାଙ୍ଗିଯିବା/ନଷ୍ଟ ହୋଇଯିବାର ଭୟ ନଥାଏ । ଉତ୍ତମ ଶୈକ୍ଷିକ ସାମଗ୍ରୀ ଶିକ୍ଷାର୍ଥୀମାନଙ୍କର ଅଭିଜ୍ଞତାର ସଂଗଠନ/ବାସ୍ତବ ରୂପାୟନ ଏବଂ ଶିକ୍ଷଣ ନିମନ୍ତେ ସହାୟତା ଯୋଗାଇଥାଏ । ଆମେ ଯଦି ଗଭୀର ଭାବେ ଚିନ୍ତା କରିବା/ ଅନୁଧ୍ୟାନ କରିବା ତେବେ ଗୋଟିଏ ବା ଏକ ପ୍ରକାରର ସାମଗ୍ରୀକୁ ବିବିଧ ଉଦ୍ଦେଶ୍ୟ ନିମନ୍ତେ ବ୍ୟବହାର କରାଯାଇପାରେ । ଭାଷା ଶିକ୍ଷଣରେ ସାମଗ୍ରୀର ବ୍ୟବହାର ଶିକ୍ଷାର୍ଥୀମାନଙ୍କୁ କେବଳ ବିଭିନ୍ନ ଭାଷା ସହିତ ପରିଚିତ କରିବା ନୁହେଁ, ବରଂ ସେମାନଙ୍କୁ ଭାଷାର ଦକ୍ଷତାର ବିକାଶରେ ସକ୍ଷମ କରିଥାଏ । ଏହା ବ୍ୟତୀତ ଆମେ ଏହି ଏକକରୁ ଶିକ୍ଷାର୍ଥୀ ଏବଂ ଶିକ୍ଷକଙ୍କୁ ସାମଗ୍ରୀର ଚୟନ, ପ୍ରସ୍ତୁତି ଓ ବ୍ୟବହାରର ବିଭିନ୍ନ କୌଶଳ ସମ୍ବନ୍ଧରେ ପରିଚିତ କରାଇବା ଓ ଶିକ୍ଷାର୍ଥୀଙ୍କର ଅଂଶଗ୍ରହଣକୁ ସୁନିଶ୍ଚିତ କରାଇବା ।

## ୯.୧୬ ସହାୟକ ଗ୍ରନ୍ଥ ଓ ପୁସ୍ତକ ସୂଚୀ

Dewan,H.K.2008 TLM vs Teaching Aids. Buniyedi Shikhya 18: 7-11

(Published by Vidya Bhawan Society and Azim Preamji University)

2. http://jtmadhavan.wordpress.com/2010/07/08

teaching.learing meterials-English

http://www.teacher centered.com/books/languag-

ଟିପ୍ପଣୀ

## ୯.୧୭ ପାଠାନ୍ତ ପ୍ରଶ୍ନାବଳୀ

୧. ପ୍ରୟୋଜନୀୟ ମୌଳିକ ସାମଗ୍ରୀ ଏବଂ ଶୈକ୍ଷିକ ସାମଗ୍ରୀ ମଧ୍ୟରେ ପାର୍ଥକ୍ୟ କ'ଣ ? ଉଦାହରଣ ସହ ବୁଝାଅ ।

୨. ଶୈକ୍ଷିକ ସାମଗ୍ରୀର ନୂତନ ଧାରଣା କ'ଣ ?

୩. ଉତ୍ତମ ଶୈକ୍ଷିକ ସାମଗ୍ରୀର ମୌଳିକ ବୈଶିଷ୍ଟ୍ୟଗୁଡ଼ିକ କ'ଣ ?

୪. ସାମଗ୍ରୀ ଚୟନର ଆଧାର କ'ଣ ?

୫. ସାମଗ୍ରୀ ବ୍ୟବହାରର ନିୟମ ଗୁଡ଼ିକ କ'ଣ ?

୬. ଶୈକ୍ଷିକ ବ୍ୟବସ୍ଥାରେ ସାମଗ୍ରୀର ନଷ୍ଟ ହେଲେ ବା ଭଙ୍ଗିଲେ ଶିକ୍ଷା ବ୍ୟବସ୍ଥାରେ କ୍ଷତି ପୂରଣ ହେବାର ବ୍ୟବସ୍ଥା ଥିବା ବିବରଣୀର ଅର୍ଥ କ'ଣ ?